କଳକୁ ଅନାଇ ବଳ ତୁଟିଗଲା ଶୀତରେ ଥରୁଛୁ ଫୁଙ୍ଗା (ବାଇଆରେ)
ଗାଉଥିଲି କେତେ ଗୀତ (ବାଇଆରେ)
ପେଟ ଚିନ୍ତା ପିଠି ଚିନ୍ତା ନ ଥିବାରୁ ପ୍ରଫୁଲ୍ଲ ଥିଲା ମୋ ଚିତ୍ତ(ବାଇଆରେ)
ହୋଇଏ ମୋର ପାଠ ପଢ଼ି (ବାଇଆରେ)
ଘର କରଣାକୁ ଛାଡ଼ି ସେ ଏଣିକି ମୋ ସଙ୍ଗେ କଲେଣି ଅଡ଼ି(ବାଇଆରେ)
କହିବ କିସ ଏଣିକି (ରେ ବାଇଆ)
ଲଭଲୁଡ଼ ପାଣି ଅଣ୍ଟିଏ ହେଲାଣି ପିଇବ ମୁଁ କହ କେଣିକି(ବାଇଆ) ।୮।

—— ✱ ——

GPNanda Colln., Digitized by srujanika@gmail.com

ଉତ୍କଳ ମାତାଙ୍କ ରୋଦନ

ଉତ୍କଳ ଜନନୀ କାନ୍ଦନ୍ତି ନିଜ ପୁଅଙ୍କୁ ଚାହିଁ,
ଥରେ ହେଲେ ବାପ ମୋ ଦୁଃଖ କେହି ବୁଝିଲ ନାହିଁ ।
କୋଟିକରେ ଯେବେ ଗୋଟିଏ ପୁଅ ଉଲଥ ପୁଅ,
ଦେଖନ୍ତି ମୁଁ ହେଲେ ପୋଛନ୍ତି ଦଣ୍ଡେ ଆଖିରୁ ଲୁହ ।
ଯାକୁ ଅନାଇଲି ଏ ଅତା ଟେକି ଉଠିବ ମୁଣ୍ଡ,
ଚାହିଁ ଚାହିଁ ଆଶା ଭରସା କଟିଦେଲା ସେ ଗୁଣ୍ଡ ।
ନବୀନ ଯୁବକ ସନ୍ତାନେ ମୋର ପଢ଼ିଲେ ପାଠ,
ଦେଖି ଚାହିଁ ମନେ ମନେ ମୁଁ କେତେ ବାନ୍ଧିଲି ଆଣ୍ଠୁ ।
ପାଠ ପଢ଼ୁଁ ପଢ଼ୁଁ ଉନ୍ମାଦ ଯେତେ ଦେଖିଲେ ପୁଣି,
କୁଣ୍ଢେ ଫୁଲି ଉଠେ ମୋ ଛାତି ତାଙ୍କ ବଚନ ଶୁଣି ।
ବଡ଼ ଭାଇଙ୍କର ବାଛନ୍ତି କେତେ କେତେ ସେ ଦୋଷ,
ଦେଶଦ୍ରୋହୀ ବୋଲି ଧିକ୍କାର ତାଙ୍କୁ ଦିଅନ୍ତି ରୋଷ ।
ତାହାଙ୍କୁ ବୋଲନ୍ତି ଏ ଜନ ଖାଲି ସ୍ୱାର୍ଥକୁ ଚାହିଁ,
ଭୁଲି କେବେ ଦେଶହିତକୁ ଥରେ ଅନାଉ ନାହିଁ ।
ତାହାଙ୍କୁ ଦୋଷନ୍ତି ଆଳସ୍ୟ ଘେନି କରୁ ନ କର,
ମନୁଷ୍ୟ ପଣରୁ ଏକାଠି ସେତ ଗଲାଣି ସବୁ ।
ତାହାଙ୍କୁ ନିନ୍ଦନ୍ତି କ୍ଷମତା ପାଇ ହେଲାଣି ଅନ୍ଧ,
ହରାଇ ବିବେକ କେତେ କି କରି ଯାଉଛୁ ମନ୍ଦ ।
ବସୁରେ ମୁଁ ଏହି ଗୁଡ଼ିକ ଯେବେ ମାଠ ସାରିବେ,
କେ ଜାଣେ ଅବା ମୋ ଭାଗ୍ୟକୁ କେତେ କ୍ଷୟ କରିବେ ।
ହରିବେ ମୋ ଦୁଃଖ ଯେତକ ଏଥି ନାହିଁ ସଂଶୟ,
ପାଞ୍ଚଠାରେ ଗୋଷ୍ଠା ହେବ ମୁଁ ଭବୁଥାଏ ନିଶ୍ଚୟ ।

GPNanda Colln., Digitized by srujanika@gmail.com

ଗୋଟି ଗୋଟି ହୋଇ ଅସନ୍ତି ପାଠ ଗଲାରୁ ସରି,
କେହୁ ଅବା ସାନ୍ଟିଫିକେଟ୍ କେହୁ ଡିପ୍ଲୋମା ଧରି ।
ଆଶା ବଢ଼ି ଯାଏ ମୋହର ହୋଇ ପ୍ରବଳତର,
ଭାବେଁ ମୁଁ ମୋ ଦୁଃଖ ଉଜ୍ୱଳ ହେଲେ ହେଲା ଏଥର ।
ଥରକୁ ଥରତ ଦେଖୁଛି ପତ୍ର ମୋହ କଳ୍ପନା
ସଂସାର ଘଣାକୁ ଅନାଇ ଯେତ ହୁଅନ୍ତି ବଣା ।
କଟମ କଟମ ସତ୍ୱ ଉତ୍ସାହ ତାଙ୍କ ଯାଏ ମଉଳି,
ସବୁ ନାଚ କୁଦ ପାଶୋରି ଅପେ ପାନ୍ତି ଝାଉଁଳି ।
ଅଗ କଥା ଅଗ ଭାବନା ଆଉ ନ ପଡ଼େ ମନେ,
ଉଚ୍ଚ ଆଶା ଯେତେ ଯାହାର ଉଡ଼ିଯାଏ ପବନେ ।
ଖୋଲା ପଡ଼େ ଚାହିଁ ମିଳନ୍ତା ଖଣ୍ଡେ ଗୋଲାମୀ ଯେବେ,
ସାର୍ଥକ ହୁଅନ୍ତା ପଢିବା ଧନ୍ୟ ହୁଅନ୍ତେ ତେବେ ।
ଦବା କଣି ଚନ୍ଦା ଗୃହକର୍ମ ନାହିଁ ତା ବଳା ଅନ,
ଗୃହକର୍ମ ଅଶାରେ ଯୁଡ଼ନ୍ତି ଯେତେ ବିବେକ ଜ୍ଞାନ ।
ଗୋଷ୍ଠାଳ ମଢ଼କୁ ଶୃଗାଳ କାଉ ଶାଗୁଣା ପରି,
ଖଣ୍ଡେ ଗୃହକର୍ମକୁ ସହସ୍ରଙ୍କର କି ଧରାଧରି ।
ପାଠ ଶାଠ ଗଲା ଚୂଲିକି ବାହାହୁଣ୍ଡ ଫଳିଲା,
ଯାହା ତାହା ପାଦ ଅଉଁସା ଚାମଚିକ ବଢ଼ିଲା ।
ଅଇଁଠା ଗୋଇଠା ଲେଡ଼ନ୍ତି କେତେ ହୋଇ ଆତୁର,
ପାଇଗଲେ ହେଲେ ମନ୍ତ୍ରେ ନଚେ ଭାରି ଚତୁର ।
ଗୃହକର୍ମ ଖଣ୍ଡି ଯେ ପାଇଲା ସେହୁ ହେଲା ତ ଜଣେ,
ସ୍ୱର୍ଗ ସିଂହାସନ ଲଭିଲା ପରି ଭାବିଲା ମନେ ।
ଏଣିକି ଏଥର ନୃହନ୍ତି ସେହୁ ପରି ବାପର,
ନିଜ ଭାଇମାନେ ଦଣନ୍ତି ତାଙ୍କୁ ଅତି ଇତର ।

GPNanda Colln., Digitized by srujanika@gmail.com

ଢଙ୍ଗ ଚଙ୍ଗ କଥା ବାରତା ସବୁ ଯାଏ ବଦଳି,
ଚିହ୍ନି ନ ହୁଅନ୍ତି କି ଥିଲେ ଅବା ହେଲେ କି ଭଳି ।
ମୋ ପୁଅ ବୋଲି ସେ ମାନିବେ ତାଙ୍କ ମନରେ ଶଙ୍କା,
ରଙ୍ଗ ଢଙ୍ଗ କଥା ବାରତା ଅଙ୍ଗ ଭଙ୍ଗିରେ ବଙ୍କା ।
ଭାଇ ଭାବ ଭାଇ ସଙ୍ଗରେ ରଖି ପାରନ୍ତି ନାହିଁ,
ମୋ ଦଶା ଦେଖିବା ପାଇଁକି ତାଙ୍କୁ ଅସର ନାହିଁ ।
ହରିବେ ଏ ପୁଏ ମୋ ଦୁଃଖ ଯାହା ଥାଏ ଭରସା,
ବୁଝେଁ ମୁଁ ଫେରି ନ ପାରିବ ତାଙ୍କ ଦେଇ ମୋ ଦଶା ।
ପାଲଟି ଗଲେ ସେ କୁକୁର ତାଙ୍କୁ ପରତେ ନାହିଁ,
ପାଟିରେ କାମୁଡ଼ି ଅହାର ଲଞ୍ଜି ହଲଉ ଥାଇ ।
ତାଙ୍କୁ ଛାଡ଼ି ଯେତେ ସ୍ୱାଧୀନ ପେଶା ନେଲେ ମୋ ପୁଅ
ଭାବିଲି ସେ ଅବା କେ ଜାଣି ମୋର ପୋଛିବେ ଲୁହ ।
ଦବା ନିଶି ତାଙ୍କ ଭାବନା କାହୁଁ ଆସିବ ଟଙ୍କା,
ଟଙ୍କା ନ ଦେଖିଲେ ହାତରେ ତାଙ୍କ ମୁହଁଟି ବଙ୍କା ।
ନିଶିରେ ଦେଖନ୍ତି ଶଯ୍ୟାରେ ସେତ ଟଙ୍କା ସ୍ୱପନ,
ଟଙ୍କା ମୂଳମନ୍ତ୍ର ଟଙ୍କାହିଁ ତାଙ୍କ ଜୀବନ ଧନ ।
ଟଙ୍କା କଥା ଭାଳି ଭାଳି ତ ଅବସର ନ ପାଇ,
ମୋ କଥା ଭାବିବେ କୁଆଡୁ ଏଥି ଟଙ୍କାତ ନାହିଁ ।
ଏହି ଭଳି ନାନା ବେଶରେ ଯେତେ ସ୍ୱାଧୀନ ନେତା,
ତାଙ୍କୁ ଅନାଇଲେ ଚଞ୍ଚଳ ବୁଡ଼ି ଯାଏ ମୋ ଚେତା ।
ଅଳ୍ପ ଯେତେ ମାତ୍ର ଜୁଟିଲେ ହେବେ ଦେଶ ସେବକ,
କି କରିବେ କିଛି ନ ବୁଝି ଗଲେ ପାଲଟି ବକ ।
ନ ଥିଲେ ମୋ ପୁଏ ଏ ଭଳି ହେବେ କେଉଁ କାଳରେ,
ବଦଳି ଗଲେ ସେ ଏଣିକି ଖାଲି ସାଙ୍ଗ ମେଳରେ ।

GPNanda Colln., Digitized by srujanika@gmail.com

ପଡ଼ା ପଡ଼ୋଶୀରେ ନ ଥିଲା ଟେକହୁ ଏସବ ଜଣେ,
ବାର ଦେବ ମୋହ ପିଲଙ୍କୁ ତାଙ୍କ ଧରଣା ପଣେ ।
ଭାଲ ଭାଷୁଥିଲେ ଅନନ୍ଦେ ଖାଇ ପିନ୍ଧ ସୁଖରେ,
ବାଣ୍ଟୁ ଥିଲେ ଗଲ ଅଇଲ ସମସ୍ତଙ୍କୁ ସ୍ନେହରେ ।
ଘର ସମାଳିବା ଗୁଣରେ ତାଙ୍କ ଭୋଟି ପୌରୁଷ,
ଶୁଣି ଶୁଣି ପିନା ମୋ ମନେ ବଢୁଥିଲା ହରଷ ।
ଅଣ୍ଡଥିଙ୍କ ପାଇଁ ମନ୍ଦର ଦେବ ଦେବୀଙ୍କ ନାମେ,
ତୋଳା ଦେଉଥିଲେ ନଗରେ ପୁଣି ଗ୍ରାମକୁ ଗ୍ରାମେ ।
ଅତିଥି ସେବାରେ ମୋ ପୁଏ ଥିଲେ ଯେପରି ଶ୍ରେଷ୍ଠ,
ସେହିପରି ଥିଲେ ସକଳେ ଶିଳ୍ପ କଳାରେ ଜ୍ୟେଷ୍ଠ ।
ନୀଚ ସଙ୍କୀର୍ଣ୍ଣତା ନ ଥିଲା ତିଳେ କାହାରି ମନେ,
ବଢି ଗୁଲଥିଲେ ସମସ୍ତେ ଜ୍ଞାନେ ଗୌରବେ ଧନେ ।
ସ୍ୱାର୍ଥ ଶବଦର କ ଅର୍ଥ ଜଣା ନ ଥିଲା ତେବେ,
ସେହି ସ୍ୱାର୍ଥ ଖୋଲ ଅଙ୍ଗାରେ ମାଡ଼ ବସିଲା ଏବେ ।
ସ୍ୱାର୍ଥ ଦେଲା ଅଙ୍କ ବଢ଼ାଇ ପର ଅପଣା ଭାବ,
ଛୋଡ଼ାଇ ଦେଲା ସେ ଅପଣା ଘର ବୁଡ଼ା ସ୍ୱଭାବ ।
ସ୍ୱାର୍ଥର ପ୍ରଭାବ ବଢିଲା ଯହୁଁ ଯହୁଁ ଦେଶରେ,
ନାତ ଛଡ଼ା ଗଲେ ପାଶୋର ନିଜ ଭାଇଙ୍କୁ ଘରେ ।
ଦୈବ ଯେବେ କଣ୍ଟୁ ଦୌଶଳେ ଘର ମୁରବୀ ହେଲେ,
ମୁଁ ଭାଉଜ ମୋହ ପିଲଙ୍କ ଦୁଃଖ ହରବ ହେଲେ ।
ଗୋଟିକ ପଛକୁ ଗୋଟିଏ ଉଠି ହୁଅନ୍ତେ ଖମ୍ଭ,
ଅଭାଗା ଭାଇଙ୍କୁ ଠେକବେ ମୋର ବଢିଲା ଦମ୍ଭ ।
ଦେଖିଲା ବେଳକୁ ଫଳରେ କସ ବହୁବ ଅଷ,
ଛାତ ଫାଟି ଯାଏ ମାଅ ମୁଁ ଖାଲ ମୁଁ ଗୁହୁଁ ଗୁହୁଁ ।

GPNanda Colln., Digitized by srujanika@gmail.com

ଯାହାଙ୍କ କାନ୍ଧରେ ଚଢ଼ି ସେ ଉଠି ଥିଲେ ଉଚ୍ଚକୁ,
ତାଙ୍କୁ ଅନେଗ ମାର ଗୋଇଠା ହଟାଇଲେ ପଛକୁ ।
ମୋହର ପୁଏ କ କହୁବ ଖାଲି ଭୋଗୁଛୁ ମୁଣ୍ଡ,
ମୋ ମନ ବାସନା ଗାଇବ ଅଉ ନ ଫିଟେ ତୁଣ୍ଡ ।
ବଡ଼ ହେଲେ ସାନ ଭାଇକୁ ପିଲା ହୁଅନ୍ତେ ସାହା,
ଓଲଟି ଦେଖିଲ ଭାଇମନ୍ତ ଅଗେ ତାଙ୍କର ବାହା ।
ଘର ସମାଳବା ପାଇଁକି ଘର ଭାଇକୁ ଛାଡ଼,
ଘର ଉଜାଡ଼ନ୍ତ ସିନା ସେ ଦାଣ୍ଡ କଥାରେ ମାଡ଼ ।
ଦାଣ୍ଡ ଭାଇ କାହୁଁ ବୁଝିବେ ଘର ଭିତର କଥା,
ମୋ ପିଲାଙ୍କ ପାଇଁ କିପାଇଁ ତାଙ୍କ ବାନ୍ଧବ ମଥା ।
ଯେତେଡ଼ ସାଧୁ ହେଲେ ଯେ ଜନ କାହା ଘର ଗୁମର,
ସେ କାହୁଁ ବୁଝିବେ ସହଜେ କାଟି ଗଲେ ଉପର ।
ଦାଣ୍ଡ ପୁଏ ହୁଣ୍ଡା ନୁହନ୍ତ ଗଣ୍ଡ ମୋହର ପିଲା,
ଯେତେ ଯା ସଙ୍କଟ ପଡ଼ୁଛି ସବୁ ତାଙ୍କର ଢିଲା ।
ଦାଣ୍ଡରୁ କାହୁଁ ସେ ଅସିଲେ ବସି ଦାଣ୍ଡ ପିଣ୍ଡାରେ,
କେମନ୍ତେ ବୁଝିବେ କ ଥାଇ କାହା ପାଲ ବାଣ୍ଟାରେ ।
କମଲ ଖୋଷଣୀ ମରମ ସେବା ବୁଝିବେ କାହୁଁ,
ଯୋଜନା ଗଢ଼ିଲେ ଗଢିବେ ତାଙ୍କ ମନକୁ ଚାହୁଁ ।
ହୁଣ୍ଡା ପୁଅଙ୍କର ମୋହର ଗୁଣ୍ଡା ଚଳିବା ବାଟ,
ଜାଣିବେ କୁଆଡୁ ହେଲେ ସେ ଯେତେ ପାଠରେ ଅଣ୍ଟ ।
ଦେଖିବେ ସେ ଯାହା ସୁଧରେ ତାକୁ ଦେବେ ସମାଳି,
କେମନ୍ତେ ବୁଝିବେ ରହୁବ କାହୁଁ ଖଣ୍ଡିଆ ଚୁଲି ।
ବଢ଼ି ପାଣି ମାଡ଼ି ଅସୁଛି ଦେଶ ଯାଉଛି ଧୋଇ,
ଦାଣ୍ଡକୁ ତ ପୁଟି ଉଠୁଛି ସବୁ ଅଧଣ୍ଡା ଗୋଇ ।

GPNanda Colln., Digitized by srujanika@gmail.com

ଛୋଠା ବାଡ଼ ବଢି ଯାଉଛି କୋଟି କୋଟି ଉଡୁଛି,
ଭୋକିଲ ପିଲଙ୍କ ପେଟରେ ବେଙ୍ଗ ଡଡ଼ା ପଡୁଛି ।
ଦେଶ କି ଉଠିବ ଫୁଟିଲେ ଛାଠଛତ୍ରୁ କେଇଟା,
ଫନ୍ତୁ ହୋଇ ମୋହ ପିଲଏ ଖାଉଥିବେ ଗୋଇଠା ।
ଏହି ଚିନ୍ତା ମୋତେ ଘାରୁଛି ଘାର ହେଲେ କି ହେବ,
ମଣିଷ ନ ହେଲେ ମୋ ପୁଏ ଚିନ୍ତା କେ ହର ନେବ ।
କି ଭାଗ୍ୟଦୋଷରୁ ମୋହର ମୋହ ପିଲଙ୍କ ଦଶା,
ହେଉଛି ଏଭଳି ଭାଳିଲେ ଉଡ଼ ଯାଏ ମୋ ହଂସା ।
ପାଳିଲ ପୁଏ ତ ମୋହର ମୋହ ଠାରେ ସୁଖ,
ନ ପାଳିଲ ପୁଏ ଗଡ଼ନ୍ତି ସହ୍ଯ ନ ପାରେ ଦୁଃଖ ।
ଜାଣୁ ଅଛି ଯେଉଁ କାଳରୁ ସ୍ୱାର୍ଥ ହେଗଟି ଅସି,
ମୋ କୋଳେ ମୋହର ପିଲଙ୍କୁ ହେଲେ ବହିଲ ଗ୍ରାସି ।
ବୁଝି ନ ପାରିଲି ମୁଁ ଅବା କାହୁଁ ବୁଝନ୍ତି ଛନ୍ଦ,
ବୁଝିଲେ କି ଅବା କରନ୍ତି ମୋହ ଭରମ ମନ୍ଦ ।
କ୍ରମେ କ୍ରମେ ସ୍ୱାର୍ଥ ବଢିଲା ଟିଠି ହେଲା ପ୍ରବଳ,
ସ୍ୱାର୍ଥକୁ ରୋଧିବା ପାଇଁକି ଅବା କାହୁଁ ମୋ ବଳ ।
ଅପଣା ଭାଇଙ୍କୁ ନ ଗୁହୁଁ ଡାଣ୍ଡ ଭାଇଙ୍କ ପ୍ରୀତି,
ବଢିଲା ତା ମୂଳ ଖୋଜିଲେ ସ୍ୱାର୍ଥ ତା ମୂଳ ଭିତ୍ତି ।
ମନେ ମନେ ଘାଣ୍ଟି ହେଉଛି ଏବେ ମୁଁ ଯେତେ ଯେତେ,
ଜାଣୁଅଛି ଘଟି ଯାଉଛି ସବୁ ସ୍ୱାର୍ଥର ଏତେ,
ସ୍ୱାର୍ଥ ନ ଛାଡ଼ିଲେ ମୋ ପୁଏ ମୋର ଦୁଃଖ ନ ଯିବ ।
କାନ୍ଦୁଥିବ ମୁହଁ ଅକୁଳେ ଲୁହ ମୋ ଗଡୁଥିବ,
ସ୍ୱାର୍ଥ ଭୁଲିଯିବେ ଯେ ଦିନ ଏହି ମୋହର ପୁଅ ।
ମାତା ବୋଲି ବଳେ ଚିହ୍ନିବେ ଅବା ପୋଛିବେ ଲୁହ ।

GPNanda Colln., Digitized by srujanika@gmail.com

ଭୁଲି ନାହୁ ଜଣେ ଜଣେ ତ ଏହୁ ମୋହର ପୁଅ,
ଖାଉଛନ୍ତି ମୋହ ସହିତେ କେତେ ଉପାଇ ଲବ୍ଧ ।
କରଛନ୍ତି ଯାହା ମୋ ପାଇଁ ଦୁଃଖୀ ଭାଇଙ୍କ ପାଇଁ,
ସେତିକ ମୋ ମନେ ଭରସା ରଖିଅଛୁ ବଞ୍ଚାଇ ।
ମଧ୍ୟ ନଗାପବନ୍ଧୁ ଦୁଇଟି ସେ ତ ପୁଅ ମୋହର,
କେମନ୍ତେ ଭୁଲିବି ସେତିକ ଯାହା ଗଲେ ସେ କରି ।
କେହୁ ଯେ ନ ଥିବେ ନ ହେବେ କେବେ ଖାଲ ଯୁଗରେ,
ଏଭଳି ନିସ୍ୱଣା ନ ପୋଷେ ଏତେ ଦୁଃଖ ଭୋଗରେ ।
ପୁଅଙ୍କୁ ଦୋଷିବି କେମନ୍ତେ ଦେଖେଁ କୂଟ ଚକଟରେ,
ପଡ଼ି ହରବର ହୁଅନ୍ତି ସେ ତ ଭ୍ରମି ଭ୍ରମରେ ।
କେବେ ଖାଲେ ଯାହା ମନରେ ଯେବେ ହେବ ସୁଜ୍ଞାନ,
ପୋଷିବା ପାଇଁକି ମୋ ଲବ୍ଧ ବଲେ ଦେବେ ସେ ଧ୍ୟାନ ।
ବୁଝିବେ ତାଙ୍କର ଭାଇଏ ଅଜ୍ଞ ଏତେଡ଼ ଅଭାଗା,
ଭୁଲନ୍ତି ଫକ୍ରୁଲେ ମୋ କୋଲେ ଢଲେ ନ ପାଇ ଜାଗା ।
କାହୁଁଷ ମେଞ୍ଚାକୁ କୁମ୍ଭାର ଗଢି କଠର କଳସ,
କାଣଶଲେ କେଳା କରଇ ଅହ୍ନସାଙ୍କୁ ବଶ ।
ଘର ଗୁଳିବାକୁ ଯେ ପୁଏ ମୋର ହେଲେ ଅଯୋଗା,
ଯୋଗା ପୁଏ ମନକଲେ ତ ତାଙ୍କୁ କରିବେ ଯୋଗା ।
ମାଆ ବୋଲି ମୋତେ ଶନ୍ଧିଲେ ଥରେ ପୁଏ ମୋହର,
ମୋତେ ଗୁହିଁ ତାଙ୍କ ଭାଇଙ୍କୁ କାହୁଁ କହିବେ ପର ।
ସତେ କେବେ ଭାଗ୍ୟ ଫେରିବ ସବୁ ଧ୍ରୁବଙ୍କୁ ଜଣା,
ପିଲଙ୍କ ମୁହଁକୁ ଅନାଇ ବୁଦ୍ଧି ହେଉଛି ବଣା ।
ଖଣ୍ଡ ଖଣ୍ଡ ହୋଇ ଗଢ଼ୁଛି ମୋହ ଦଶାକୁ ଗୁହିଁ,
ପିଲଙ୍କ ହୃଦୟ ମୋହର କସ ତଟିବ ନାହିଁ ।

GPNanda Colln., Digitized by srujanika@gmail.com

ନିସ୍ପୃହ ନିର୍ବଳ ଦେଖିଣ ମୋହ ପିଲାଙ୍କ ମୁଖେ,
ଧୂଳି ଦେଇ ସବୁ ଖାଇବେ ଗୃହୁଁ ଥିବ କି ସୁଖେ ।
ଭାଙ୍ଗୁଁ ଭାଙ୍ଗୁଁ କେତେ କିଏ ତ ସବୁ ଥାଇଁ ଆସନ୍ତି,
ମୋହ ଦେହ-ଶୁଖା ପିଲାଙ୍କ ଅଗ ମାଡ଼ି ବସନ୍ତି ।
ତାଙ୍କର ପାଟିକୁ ଅନାଇ ଭାବ ପିଲାଏ ମୋର,
ଲାଳ ପୋଛୁଥାନ୍ତି ଜିଭରୁ ମୁହଁ ଲୁଗୁଇ ଚୋର ।
ଦାଣ୍ଡ ମୁଏ ଉଚ ପିଣ୍ଡାରେ ବସି ବାଣ୍ଟନ୍ତି ଷଡ଼,
ଛୁଣ୍ଡା ଭଳା ପିନ୍ଧି ମୋ ପିଲା ହାତ ପତାନ୍ତି ଗଡ଼ ।
ଦେଖି ଦେଖି ସହୁ ରହୁଛନ୍ତି କେତେ କଥା ଏଭଳି,
ମନ କଥା ମନେ ମାରୁଛନ୍ତି ଦେହ ଯାଉଛନ୍ତି ଜଳି ।
ଜାକି ରଖିଥିଲି ପେଟରେ ଯାହା ତାଙ୍କର ପାଇଁ,
ଟାକି ରହୁଛନ୍ତି ଭୋକରେ ଖାଇ ପାରନ୍ତି ନାହିଁ ।
ତେ ଭାଙ୍ଗୁଁ ଅସନ୍ତି ଲୁଟନ୍ତି ପେଟ ଚିର ସୋଦର,
ଗୃହୁଁ ଥାଏ ମୋହ ପିଲାଙ୍କୁ ଘୃଣା କରି ପଥର ।
ଜଗୁଆଳି ନିଜ ଭାଇଏ ହାତେ ଠେଙ୍ଗା ପାହାର,
ଭାଳେ ଘର ଭାଇ ଚୁଇଁବେ ତାଙ୍କ ଘର ଆହାର ।
ଯେ ଯେତେ ପାରିବେ ନିଅନ୍ତୁ ନିଜ ଭାଇଙ୍କ ଛଡ଼ା,
ଭାଇଏ ନ ଖାଇ ମରନ୍ତୁ ତାଙ୍କୁ ପହର କଡ଼ା ।
ଭରମକୁ ପିନା ଠୁକିବ ଅଠ କିଏ ଶୁଣିବ,
ଜାଣିଥିଲି କି ମୁଁ ମୋ ସୁନା ଭେଣ୍ଡି ପାଲଟି ଯିବ ।
ଧତେ ଭାଗ୍ୟ ମୋର ଫେରିବ କେବେ କେଉଁ ଯୁଗରେ,
ବାଁଛୁ ଆଶାରେ ରହୁଛି ଜଳି ପୋଡ଼ି ଅନ୍ତରେ ।
କ୍ଷୀଣ ଆଶା ଟିକ ସୋହର ଯେଉଁଦିନ ବୁଡ଼ିବ,
ନ ଥିବ ମୁଁ ଅଛ ମୋ ନାମ ଭାଙ୍ଗୁଁ ଶୁଣା ନ ଯିବ ।

—✱—

GPNanda Colln., Digitized by srujanika@gmail.com

ଆମ ସ୍ୱାଧୀନତା

ଆମ ସ୍ୱାଧୀନତା ଆମ ଅଇଣା
ଆମ ରଙ୍ଗ ଢଙ୍ଗ ଆମେ ଦେଖି ଦେଖି ଆମେ ତ ନ ବୁଝି ହେଲୁଣି ବଣା ।
ପର ଲୁଗା ପିନ୍ଧି ଯାତକୁ ଯାଉଁ
ପଚୁରିଲେ କେହି ପାଠି ନ ଫିଟାଇ ମଉନରେ ମୁଣ୍ଡ ଟୁଙ୍ଗାଉ ଥାଉଁ ।୨।
ଆପଣା ଭାଇଙ୍କୁ ନ ଗୃହୁଁ ଆଉ
ଘର ଗୁଡ଼ଦେଇ ପରଙ୍କ ହାତରେ ଆମେ ଆଜ ମଜା ଆନନ୍ଦେ ଥାଉଁ ।୩।
ଝୁରି ଝୁରି ସ୍ୱାଧୀନତା ପାଇଲୁଁ
ସ୍ୱାଧୀନତା ସୁଖ ଚାଖୁ ନ ଚାଖୁଣୁ ପରାଧୀନତାକୁ ପୁଣି ଭଜିଲୁଁ ।୪।
ନିଜ ସ୍ୱାଧୀନତା ନିଜ ହାତରେ
ସେତିକି ପାଶୋରି କି ଭେଦ ବାଦିବା ସ୍ୱଦେଶୀ ବିଦେଶୀ ଯୋଡ଼ା ନାତରେ
ଥିଲୁ ଯେବେ ଆମେ ସ୍ୱାଧୀନ ଜାତି
ସାରା ଭାରତରେ ଭାରତ ବାହାରେ ଫୁଟି ଉଠୁଥିଲା ଏ ଜାତି ଖ୍ୟାତି ।୫।
ଏ ଜାତିର ନୀତି ଥିଲା ସ୍ୱତନ୍ତ୍ର
କେତେ ଜାତି ଝୁରି ଝୁରି ହାରିଗଲେ ଧରି ନ ପାରିଲେ ଏ ଜାତି ମନ୍ତ୍ର ॥
ଅତି ଅଳ୍ପ ଅଜାଏ କାଳରେ
ଏତେଣି ତେତେଣି ହୋଇ ଯା ରହି ଯାଇଛନ୍ତି ପ୍ରାଧାନ୍ୟ ଲଭୁଛନ୍ତି ବିଶ୍ୱମେଳରେ
ଆମେ ସେହି ଜାତି ସନ୍ତାନ ଠିକ ?
ହରାଇ ବିଭବ ହରାଇ ସ୍ୱଭାବ ହେବା କି ଏଣିକି ବିବେକ ବିକ ।୭।
ସେହି ରକ୍ତ ଅଛି ଆମ ଶିରରେ
ଯେତେ ଭାଡୁଅରେ ଘାଣ୍ଟି ହେଲେ ହୀରା, ହୀରା ଜ୍ୟୋତି ରହିଥିବ ହୀରାରେ
କାଳକ୍ରମେ ହୋଇଯାଇଛୁ ହୀନ
ତା ବୋଲି କି ପାଇଁ ପରଙ୍କୁ ଅନାଇ ଆପେ ଆପଣାକୁ ମଣିବା ହୀନ ?
ମାତାଙ୍କ ଉଦର ସୀମା କେଜାଣି
ସୁପୁତ୍ର କୁପୁତ୍ର କେତେ କୁଳାଙ୍ଗାର ଜନ୍ମ ହେଉଛନ୍ତି ବିଜନ ଠାଣି ।୧୨

GPNanda Colln., Digitized by srujanika@gmail.com

ଅଟେ ହୋଇଥାନ୍ତି ଅଯୋଗ୍ୟ ଯେତେ
କ୍ଷମା ଧରନେବା ମାତାଙ୍କ ଗର୍ଭରୁ ନ ଜନ୍ମିବେ ଯୋଗ୍ୟ ସନ୍ତାନ ତେବେ
ଘର ଛାଡ଼ଦେବା ପର ହାତକୁ
ଏହା ବଳି ଦୁଃଖ କି ଅଛ ଅଧିକ ସମ୍ଭାଳି ନ ପାରୁ ନିଜ ଘରକୁ ।୧୪।
ଜାତିଦ୍ରୋହୀ ଦେଶଦ୍ରୋହୀ ନ କହୁ
କି ଆଉ ଅଧିକ କହୁବେ ଅମ୍ଭଙ୍କୁ ଅମ୍ଭ ବଂଶଧର ନ ଯାଉ ସହୁ ।୧୫।
କିଛୁ ନ କରିବା ନ କଲେ ନାହିଁ
ଜାତି ଭବିଷ୍ୟତ ଉଠିବା ଟେରଟି ଉପାଡ଼ି ବୁଡ଼ାଇ ଦେବା କପାଇଁ ?
ଅଟେ ନ ପାରିଲୁ ଭରି ଯେତକ
କେହୁ ନ ପାରନ୍ତୁ ତେବେ ଏହା ଭରି ଅତି ନୀଚ ସିନା ଏ ଭାବ ଠିକ ॥
ଭାରତକୁ ସ୍ୱାଧୀନତା ଯେ କାଳେ
ଅସିଗଲା ଫେରି କି ଆନନ୍ଦେ ବାଣ୍ଟିନେଲେ ସବୁ ଜାତି ମିଳି ସେକାଳେ
ସମସ୍ତେ ବୁଝିଲେ ଏବେ ଏଥର
ନିଜ ନିଜ ଗୋଡ଼ ଭିଡ଼ ଛୁଡ଼ା ହେବେ ନ ଥିବ କାହାକୁ କାହାର ଡର
ଯାହା ଘରେ ଯାହା ସୁଯୋଗ ଥିବ
କାହାକୁ ନ ଦେଇ କାହାକୁ ନ ଛୁଇଁ ଚଳାଇବେ ସୁଖ ଶାନ୍ତି ବଢିବ ॥
ପରସ୍ପର ଭାତୃଭାବ ଦେଶରେ
କ୍ରମେ ବଢିଯିବ ଭାରତ ଭୂମିରେ ଅଶାନ୍ତି ନ ଥିବ ଅନ୍ତ ଶେଷରେ ।୨୧
ଭାରତ ଗୌରବ ଉଠିବ ଫୁଟି
ଭାରତୀୟ ଜାତି ହେଲେ ଅଣ୍ଟା ଭିଡ଼ ଛୁଡ଼ା ହେବେ ତେବେ ସକଳେ ଉଠି
ଏହି ଉଚ୍ଚ ଭାବ ପୋଷି ଚିତ୍ତରେ
ହେତେ କି କଳ୍ପନା କଲେ ସବୁ ଜାତି ନିଜ ନିଜ ଦେଶ ଜନ ହିତରେ
ସେହି ଭାବେ ଅଜ ଦେଖ ସକଳେ
ଭାରତର ସବୁ ଜାତି ଲାଗିଲେଣି ନିଜ ନିଜ ହିତ ପାଇଁ କୌଶଳେ ।୨୪।

GPNanda Colln., Digitized by srujanika@gmail.com

କାହାର ଦୟାକୁ କେହ୍ହେ ନ ବୁଝି
ନିଜ ନିଜ ବୁଦ୍ଧି ବଳକୁ ଅନାଇଁ ଲଗିଛନ୍ତି ନିଜ ମଙ୍ଗଳ ପାଇଁ ।୨୫।
ଯେତେ ଦେଶ ଏହୁ ଛଇ ଭାବରେ
ଲଗିଲେଣି ତାଙ୍କ ସ୍ନେହ ଭ୍ରାତୃଭାବ ବନ୍ଧୁତ୍ୱ ପରସ୍ପର ମଧ୍ୟରେ ।୨୬।
ଏ ଦଶା କିପାଇଁ ହେଲା ଆମର
ଆତେମ ନିଜ ଘର ଚଳିବା ପାଇଁକି ଜାନୁ ପଡ଼ୋଶୀଙ୍କ ଚରଣ ଧର ।୨୭।
ଆପଣା ଭାଇଙ୍କୁ କରିବୁ ପର
ପଡ଼ୋଶୀଙ୍କ ଦୟା ନ ହେଲେ ନ ଚଳେ କ୍ଷଣକ ପାଇଁକି ଆମର ଘର ॥
ଏହୁ ଜାତି ନିଜ ବାହୁ ବଳରେ
ଭାରତରୁ ଭିନ୍ନ ଭାଗ ମାଡ଼ି ବସି ପତାକା ଉଡ଼ାଇଥିଲା ଜଗତରେ ।୨୯।
କେହୁକାଳ ସ୍ୱାଧୀନତା ହରାଇ
ଅଭ୍ୟାସ ବଦଳି ଯାଇଥିଲା ତାର ପର ପୀଡ଼ନରେ ବାଟ ନ ପାଇ ।୩୦।
ଭାରତ ଭୂମିରେ ବଳିଷ୍ଠ ଦଳ
ମାଡ଼ିଗଲା ପରେ ସିଧା ସବୁଠାରେ ଏ ଦେଶେ ପଶିବା ହେଲା ଅଚଳ ॥
ବିତିଗଲା କେତେକାଳ ଏଥିରେ
ଏ ଜାତିକୁ ବଶ କରିବା ପାଇଁକି ଦକା ପଶିଥିଲା ତାଙ୍କ ଚିତ୍ତରେ ।୩୧।
ଆମର ପଡ଼ୋଶୀ ଭାଇଙ୍କୁ ଧର
ତାଙ୍କର ବଳରେ ଆମ ଚଣ୍ଡି କାଟି ଜାର ପାଉଥିଲେ ଯନ୍ତ୍ରେ ଭର ॥
ତା ବୋଲି କି ସିଂହ ଶୃଗାଳ ହେବ
ଅଚଳରୁ ଥରେ ମୁକୁଳି ପାରିଲେ ନିଜ ପ୍ରଭାବ ସେ ଦେଖାଇ ଦେବ ॥
ସ୍ୱାଧୀନତା ପାଇ ଯାଇ ଏଥର
ସବୁ ଜାତି ମାତି ଯେ ଯାହା ଦେଶରେ ସମ୍ଭାଳି ପାରିଲେ ଯେ ଯାହା ଘର
ଏହୁ ଜାତି କିଏ ଏତେ ଅନାଡ଼ି
ନିଜ ଘର ନିଜେ ଚଳି ନ ପାରିବେ ପାଲଟି ଗଲେ କି ଛୁଞ୍ଚା ବାଣ୍ଡ ॥

GPNanda Colln., Digitized by srujanika@gmail.com

ପଡ଼ୋଶୀ ଭାଇଙ୍କ ଚରଣ ଧରି
ଗଡ଼ିବେ ବ୍ୟାକୁଳେ ସାହୁକର ଆସି ବୁଡ଼ ଯାଉଅଛି ଘର ଆମରି ।୩୭
ଦୀନତା ହୀନତା ନ ଥିଲା ଯାର
ଥିଲା ଦାମ୍ଭିକତା ଥିଲା ଉଦାରତା ବଦାନ୍ୟତା ଥିଲା ଭଲ ପ୍ରକାର ।୩୮
ହେବା କି ହେ ଅଟେ ଜାତି କଳଙ୍କ
ଘର ଧନ ପର ପାଦେ ଢାଳିଦେଇ ହେବା କି ପରଙ୍କ କରୁଣା ରଙ୍କ ॥
ଘର ଛାଡ଼ି ଦେଇ ପର ହାତକୁ
ଆମେ ଦୀନ ଆମେ ହୀନ ନିରାଶ୍ରୟ ଗାଇ ଭୁଲିଥିବା ନିଜ ମନକୁ ।୪୦।
ଆପଣା ଶକତି ଆପେ ନ କଳି
ପର ଜୁଆ ଆଣି ଗଳାରେ ବସାଇ ବସିଛୁଁ ନିଜକୁ ଦେବାକୁ ବଳି ।୪୧
ଝୁରୁଥିଲୁ ସ୍ୱାଧୀନତା ପାଇଁକି
ସ୍ୱାଧୀନତା ପାଇ ସିନା ଝୁରୁଲୁଣି ଅଧୀନତା ସବୁଥିରେ ଏଣିକି ।୪୨।
ନ ବୁଝିଲୁ ସ୍ୱାଧୀନତାର ଗୁଣ
ଧନୁ ଦେଖି କିଏ ଡରିବ କାହିଁକି ଖଞ୍ଜି ନ ଜାଣିଲେ ଧନୁରେ ଗୁଣ ॥
ପର ଛଡ଼ା ଘର ନ ଚଳେ ଯାର
ପର ହାତେ ଛୁଟି ପର ହାତେ ତୁଟି କି ଲାଭ ଏଭଳି ସ୍ୱାଧୀନତାର ।୪୪
ପର ହାତକୁ ଯେ ଅନାଇ ବସେ
ସେ କାହୁଁ ବୁଝିବ ସ୍ୱାଧୀନତା ସୁଖ କାନମୋଡ଼ା ଖାଇ ମୁରୁକି ହସେ ॥
ଚଟିଆ ମୂଷାଙ୍କୁ ପେଡ଼ି ଭିତରେ
ଘୋଡ଼ାଇ ପୋଷିବା ମୂଷାଙ୍କୁ ଦୋଷିବା ଗୁହାରି ଗାଇବା କାହା ପାଶରେ
ସ୍ୱାଧୀନ ସ୍ୱାଧୀନ ବୋଲି ତୁଣ୍ଡରେ
ପରଙ୍କୁ ପୋଷିବାପାଇଁ ପର ବୋଝ ବୋହି ବୁଲୁଥିବା ନିଜ ମୁଣ୍ଡରେ ॥
ସ୍ୱାଧୀନ ବୋଲଉ ଥାଉଁ ନାମକୁ
ଭୁଲି ପାରୁନାହିଁ ଛାଡ଼ି ପାରୁନାହିଁ ପରାଧୀନତାର ଗାଢ଼ ପ୍ରେମକୁ ।୪୮।

GPNanda Colln., Digitized by srujanika@gmail.com

ଯେତେବେଳ ଆମେ ପରଙ୍କୁ ଗୁହଁ
ରହିଥିବା ଆମ ମତ ନ ଫେରିବ ସ୍ୱାଧୀନତା ସୁଖ ପାଇବା କାହୁଁ ? ।୪୯।
ନ ବୁଝିବାଯାଏ ନିଜ ଶକତ
ସ୍ୱାଧୀନତା ନାମ ତୁଚ୍ଛା ଉଚ୍ଚୁଥିବା ଫେରାଇ ନ ପାର ଆପଣା ଗତ ।୫୦।

ବୁଢ଼ାଙ୍କୁ ପଦେ

ବୁଢ଼ାପାଉ କଅଁ ଖୁଲୁଛ ବଟି, ଗୋବର ଖାଉଁଟି ପାରନ୍ତ ଘଷି ।
ଗୋରୁଙ୍କ ମୁହଁକୁ ଆହାର ନାହିଁ, ଗୋବର ଖୋଜିଲେ ମିଳିବ କାହିଁ ?
ଅଉ କି ଲଦିବ ଏଣିକି ଭୁବ, ତମ ପାଇଁ କାହିଁ ନାହିଁ ତ ଠାବ ।
ଝଲଟି ଗଲଣି କାଳ ଏଥର, ଢଳେ ଦେଲେ ନାହିଁ ତମ ଆଦର ।
ଟୋକାଙ୍କ ସଙ୍ଗରେ ଝଲେ ଲଢ଼ାଇ, ଠାକି ନ ପାରିବ ଦେବେ ଗଡ଼ାଇ
ବାଟ ଛାଡ଼ିଦିଅ ତାଙ୍କୁ ଆଗକୁ, ବେଗେ ହଟିଯାଅ ଆପେ ପଛକୁ ।

ଧନେବଡ଼

ଧନେ ବଡ଼ ହୋଇ ଧନର ପିପାସା ମେଣ୍ଟିଛି କେବେ କାହାର ?
ତେଣୁ ଧନ ଆଶା ଛାଡ଼ ମଣିଅଛୁଁ ଦରିଦ୍ର ହେବାଟି ସାର ।
ଦରିଦ୍ର ପଣରେ ଆମ ଠାରୁ ବଡ଼ ହୋଇ ପାରିବ କି କେହୁ ?
ବଡ଼ ଭିତରେ ତ ନାଆଁ ପଡୁଥିବ ବଡ଼ ପଣ ଅମ୍ଭ ଏହୁ ।
ଜାତ ସଙ୍ଗେ ଜାତ ଲଗାଇ ବିଦ୍ରୋହ ହେଉଛନ୍ତି ପରସ୍ପର,
ଆମେ ଘରେ ଘରେ ଆପଣା ଭିତରେ ହେଉଥାଉଁ ଧରାଧର ।
ହାଣ୍ଡି ଲେଉ ଅଛି ଲଣ୍ଡଭଣ୍ଡ କଲେ ନ ଫିଟଇ ଆମ ତୁଣ୍ଡ ।
ନିଜେ ନିଜେ ସିନା ପିଟା ପିଟି ହୋଇ ଫଟା ଫଟି ହେଉଁ ମୁଣ୍ଡ ।
ଅଧିକାର ଯାହା ପାଉଁ ଅଧିକରେ ନିଜ ଘରେ କରି ଜାରି,
ହାଣ୍ଡି ବାହାଦୂର ଦେଖାଉଁ ସତତ ଆପଣା ଭାଇଙ୍କୁ ମାରି ।
ଯେତେ କାଳଯାଏ ଆତ୍ମଘାତ ନୀତ ଆମେ ଛାଡ଼ି ନପାରିବା,
ଏ ଜାତ ଅସ୍ତିତ୍ୱ ଏ ଜାତ ବଳନ୍ତ୍ର କେମନ୍ତେ କାହୁଁ ଭାଳିବା ।

GPNanda Colln., Digitized by srujanika@gmail.com

କହୁବା

କହୁପାରେ ଯେହୁ ସହୁପାରେ ନା
ସହୁପାରେ ଯେହୁ କହୁପାରେ ନା,
ସହୁପାରେ କହୁପାରେ ଯେହୁ ଜନ
ସେ ଜନ କୋଟିକେ ଗୋଟି ଗଣନା ।୧।
ବିଚିତ୍ର ବିଧାନ ବିଧାତାଙ୍କର
ଗୋଟି ଗୋଟି ଜନ ଗୋଟି ପ୍ରକାର,
କୋଟି କୋଟି ସେହୁ ଜନଙ୍କୁ ଚଳାନ୍ତି
ଅଦ୍ଭୁତ ଭିଆଣ ଏହୁ ତାଙ୍କର ।୨।
ଯେ ଯେତେ କହୁବ ସେ କହୁଥାଉ
ଯେ ଯାହା ପାରିବ ସେ କରିଯାଉ,
କହୁବା ଜନର କଥ୍ୟ ନ କଥ୍ୟକୁ
ଛଡ଼ିବା ଜନ ଯେ ଓଟେଲ ନ ଗୁହ୍ନିଁ ।୩।
କ୍ଷୀରରେ ମିଶାଇ ରଖିଲେ ନୀର
ହଂସ ବାଛି ନେବ ତହୁଁରୁ ଷୀର
ସବୁ ଶୁଣି ଶୁଣି ହଂସ ଗୁଣ ଗୁଣି
କି କରିବ ଅଗ ଜଳ ବଗୁଲ ।୪।

—✱—

ସ୍ୱାଧୀନତା

ସ୍ୱାଧୀନ ହେଲଣି ଆମର ଦେଶ,
କି ବୋଲିବା ଯେବେ ନ ବୁଝିବେ ଲୋକେ
ଦେଖି ଗୃହେଁ ଆମ ସ୍ୱାଧୀନ ବେଶ ।୧।

ମହାତ୍ମା ଗାନ୍ଧିଙ୍କ ନୀତି ସୁନ୍ଦର,
ଯେ ଯାହା କହିଲେ ଆମେ ଶୁଣୁ ନାହିଁ
ଗୃହଲକ୍ଷ୍ମୀ ସ୍ୱାଧୀନ ପନ୍ଥାଟି ଧର ।୨।

ସାସ ଭାରତକୁ ଘର ଆମର,
ମଣି ଛାଡ଼ିଲଣି ଯେତେ ଭେଦାଭେଦ
ପହୋଚିଗଲଣି ଅପଣା ଘର ।୩।

ଜାତି ଭେଦ ଆମ ଥାଉ ନ ଥାଉ
ମୂର୍ଖ ପଣ୍ଡିତରେ ଯେ ଥିଲା ପ୍ରଭେଦ
ଦେଇ ସାରିଲଣି ତାକୁ ଉଡ଼ାଇ ।୪।

ଜ୍ଞାନୀଙ୍କୁ ହଟାଇ ଦେଇ ପଛକୁ
ଲୋକ ଶିକ୍ଷା ପାଇଁ ଆମ ଏ ଦେଶରେ
ଅଜ୍ଞାନୀଙ୍କୁ ଠେଲିଲଣି ଉଚ୍ଚକୁ ।୫।

ଭାରତ ଭୂଇଁରେ ଆଦର୍ଶ ସ୍ଥାନ
ମାଡ଼ି ବସିଲଣି ପଡ଼ୋଶୀଙ୍କ ପ୍ରେମ
ବଢାଇବା ପାଇଁ ଲଗାଇ ଧ୍ୟାନ ।୬।

ଘର ଦ୍ୱାର ଖୋଲି ଦେଲଣି ଛାଡ଼ି
ତାକୁହିଁ ଆନନ୍ଦେ ଯେ ଯାହିଁ ପାରିବ
ଅବାଧରେ ସବୁ ଆସନ୍ତୁ ମାଡ଼ି ।୭।

GPNanda Colln., Digitized by srujanika@gmail.com

ଏତକ ପାର୍ଥିଙ୍କ ଘରେ ବଢ଼ଲ,
ଲଗୁ ଅଛେ ତାକୁ ନ ଶୁଣି ଲଗିଛୁଁ
ସାଧିବାରେ ବିଶ୍ୱଜନ ମଙ୍ଗଳ ।୮।

ଅମ ଘର ଭାଇ ଅମକୁ ଦୋଷି
ଯେ ଯାହା କହୁଲେ ଅମେ ଶୁଣୁ ନାହିଁ
ମହାତ୍ମାଙ୍କ ନାମ ତୁଣ୍ଡରେ ଘୋଷି ।୯।

ଭାରତରେ ଅଜ ଦେଖନ୍ତି ଯାହିଁ
ସ୍ୱାଧୀନତା ପାଇ ଅମଠାରୁ ବଳି
ପାରିଅଛି ଉଦାରତା ଦେଖାଇ ।୧୦।

ଜଗନ୍ନାଥଙ୍କର ଦେଶ ଅମର
ଅମ ଘର ବୁଢ଼- ପାଉ ପୋଡ଼ ଖାଉ
ପଂଡୋଶୀଙ୍କୁ ଲେଉଥିବୁ ମୁହର ।୧୧।

ସମସ୍ତେ ଖୋଜନ୍ତି ନିଜ ଲୋକଙ୍କୁ
ଅମେ କହୁ ତାହା ନୀଚ ସଙ୍କୀର୍ଣ୍ଣତା
ଖୋଜ ଲୋଡ଼ ତାକୁଅଣୁ ପରଙ୍କୁ ।୧୨।

ବିଶେଷତଃ ଅମ ସ୍ୱାଧୀନତାରେ
ଯେ ଯାହା କହିଲେ ଯେ ଯାହା ଗୃହିଁଲେ
ନଇଁ ଯାଉଁ ଅଗେ ନିଜ ଇଚ୍ଛାରେ ।୧୩।

———

GPNanda Colln., Digitized by srujanika@gmail.com

ମନୁଷ୍ୟ ଦେବତା

ମନୁଷ୍ୟ ହୋଇ ଯେ ଅନ୍ତ ଅଧିକରେ ମନୁଷ୍ୟଙ୍କୁ ଠକାଇବ ।
ମନୁଷ୍ୟ ଥାଇ ଯେ ଅତି ସହଜରେ ଦେବତା ପାଲଟି ଯିବ ।୧।
ଏ ଯୁଗକୁ ଏହି ନୀତି ଚୁକିଲାଣି ଆଗେ ନ ଥିଲା ଏପରି ।
ଅତି ଅବିବେକ ଥିଲେ ଏ ମନୁଷ୍ୟ ଦେବତାଙ୍କୁ ଡରି ଡରି ।୨।
ନାରଦଙ୍କ କଥା କେବଳ ଶୁଣିଥାଉଁ ତ୍ରିଭୁବନ ଘେରୁଥିଲେ ।
ଏ କାଳ ମନୁଷ୍ୟ ଯେତେ ଯା କଲେଣି ସେ କେବେ ଶୁଣି ନ ଥିଲେ ।।
କନ୍ଦଳ ଗଢ଼ିବା ଗୁଣ ବିଚକ୍ଷଣ ଥିଲେ ତ ନାରଦ ଜଣେ ।
ଯହିଁ ଖୋଜ ଆଜ ତହିଁ ମିଳିଯିବେ ନାରଦ ତ ପଣେ ପଣେ ।୩।
ବିଶ୍ୱାମିତ୍ର ଠାରୁ ଅଶ୍ୱାମିତ୍ର ଖୋଜ କେତେ କେତେ ମହାଋଷି ।
ରହିବା ମାତ୍ରେ କହିବାକୁ ନାହିଁ ଉଠୁଛନ୍ତି ଆପେ ଭୂଷି ।୪।

—✱—

ଫନ୍ଦି ଫିକର

ଜୀବନ ଯାକ ତ କେତେ ଧନ୍ଦା ହେଲା ଫନ୍ଦି ଫିକରରେ ପଶି ନ ପାରି ।
ଦରବାରଠାରୁ ଗୃହୀ କୁଡ଼ିଆରେ ଫନ୍ଦିଫିକର ଯା ହେଲାଣି ଭାରି ।୧।
ଏ ଯୁଗ ଶିକ୍ଷଣ ଯେହୁ ଜାଣିଥିବ ତା ହାତରେ ଧନ ଲକ୍ଷକୁ ଲକ୍ଷ ।
ଶୂନ୍ୟ ଶୂନ୍ୟ କାହିଁ କାହିଁ ଫୁଟୁଥିବ ଫୁଲ ଉଠୁଥିବ ତାଙ୍କର ବକ୍ଷ ।୨।
ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ, ଉପଗ୍ରହ ପୂଜା ପାଉଥିବେ ସିନା କେବଳୁ,
ଦେଖୁଥିବ ଶୁଣୁଥିବ ତାଙ୍କ ସଙ୍ଗେ ମନୁଷ୍ୟଙ୍କ ବ୍ୟବହାର ଏବକୁ ।୩।
ପଢୁଅ ଚଢ଼ିବା ପାଠ ଭୁଲିଯାଅ ଶୂନ୍ୟ ଗଗନକୁ ଚଢ଼ିବା ବାଟ,
ନ ଧରି ପାରିଲେ ଜାଣ ଅବଲମ୍ବ ଖୋଜିବାକୁ ହେବ ମରିବା ବାଟ ।।
ଧର୍ମ କି ଅଧର୍ମ କିବା ପାପ ପୁଣ୍ୟ ସତ୍ୟ ମିଥ୍ୟା ଆଦି ଶବ୍ଦ ଗୁଡ଼ାକ ।
ଚଳିଥିଲା ଯାହା ଗଲାଣି ଓଲଟି ଏ ଯୁଗ ପାଇଁକି ସେ ସବୁପାକ ।୪।

GPNanda Colln., Digitized by srujanika@gmail.com

ଯୋଗଜନ୍ମା ଜନ ଯେ ମହାତ୍ମାଗାନ୍ଧି କି ନ ହେଲେ ଦେଶ ଉଦ୍ଧାର ପାଇଁ
ତାଙ୍କ ପ୍ରାଣବଳୀ ଯେ ଦେଶେ ସମ୍ଭବ ଅଛ କେ ଭୁଲିବ କି କହ ତାହିଁ
ଦୁଃଖୀଙ୍କ ପାଇଁକି ଦୁଃଖ ବରଣେଲେ ଶିକ୍ଷା ଦେଇଗଲେ ଶିଷ୍ୟଗଣଙ୍କୁ ।
ତାଙ୍କ ଶିକ୍ଷାଫଳ ତାହିଁ କାହାଠାରେ ଦେଖୁଅଛ କେତେ ଦେଇ ମନକୁ ॥
ଯେ ଯାହା ପାଇବ କହ ଯାଉଥିବ ତଳେ ତେଲେ ନ କହୁଥିବ କାହାକୁ ।
ନିଜେ ନିଜ ମନ ତୋଷିବା ପାଇଁକି ମନେ ମନେ ନିନ୍ଦିଲ ସେ ମହାତ୍ମାଙ୍କୁ
ଶିଷ୍ୟଗଣ ତାଙ୍କ ସମସ୍ତେ ମହାତ୍ମା ନିନ୍ଦା ନ କରିବ କେବେ କାହାକୁ ।
କଟିଥିବ ନିଜେ ଅପଣା ଆପକୁ ଦେଇ ନ ଦେଇ ନ ଭାବ କେବକୁ ॥
ଦରବାରଠାରୁ କୁଡ଼ିଆ କନ୍ଦରେ ଫନ୍ଦି ଫିକିରର ଦାଉ ବଢ଼ୁଛି ।
ସ୍ୱାର୍ଥ ରକ୍ଷାରୁ ଘାଟ ଉଡ଼ାଯାଏ ଫନ୍ଦିଫିକରରେ ଆଉ ଚଢ଼ୁଛି ।୧୦।
ବାପ, ପୁଅ, ମାଆ, ଝିଅଙ୍କ ଭିତରେ କଥାବାର୍ତ୍ତାରେ ଫନ୍ଦିଫିକର ।
ନୁଇବନ୍ଧୁଙ୍କର ବନ୍ଧୁତା ଅଳାପ ଫନ୍ଦିଫିକରରୁ ନୋହେ ଅନ୍ତର ।୧୧।
ଅଜି ଦୁନିଆରେ ଖୋଜ ଯେଉଁଠାରେ ଫନ୍ଦିଫିକରର ପ୍ରଭାବ ନାହିଁ,
ସେ ସ୍ଥାନକୁ ସ୍ଥାନ ବୋଲି କେ ଗଣିବ ସେ ସ୍ଥାନ ନ ଥିବା ମଧ୍ୟରେ ଯାଇ
କେମନ୍ତେ ବୁଝିବା ବିଧାତାଙ୍କ ବାଣୀ ଦେଖି ଶୁଣି ଅଜି ଦୁନିଆ ତେ ।
ତାହିଁ ପାଇଁ ଏବେ ବଦଳି ପଡ଼ୁଛି ଏକଲି ଚଞ୍ଚଳ ମନୁଷ୍ୟ ମତି ।୧୩।

—✱—

ଜନ ସେବା

(ରାଗ—ଶଙ୍କରାଭରଣ)

ଜନସେବା ଅତି ପବିତ୍ର ଧରମ ସମ ତାର ନାହିଁ ତାହିଁ,
ତା ସଙ୍ଗତେ ତେଲ ଯେତେ ମିଶାଇଲେ ତେଲ ବା ମିଶିବ ତାହିଁ ।୧।
ଧନସେବା ମନସେବାକୁ ଯୋଡ଼ାଇ ମିଶାନ୍ତି ଜନସେବାରେ,
ଖଣ୍ଡା ଖଣ୍ଡା ହୋଇ ଫାଟିଲି ଉଠି ସେ ଭାସୁଛି ନାନା ପ୍ରକାରେ ।୨।

GPNanda Colln., Digitized by srujanika@gmail.com

ମହତ ବାସନା ଯା ଥିଲା ସେ ସବୁ ଲୁଚି ଯାଇ ଗୋପନରେ,
ନେକେତେ ଅବାଞ୍ଛିତ ଚିନ୍ତା ସୃଷ୍ଟି କରେ ପବନ ଜନ ମନରେ ।୩।
ଆମ ଅଜା ପଣଅଜା ତାଙ୍କ ଅଜା କିବା ପଣଅଜାଙ୍କର,
ମତଗତ ଗୋଳ କି ଥିଲା ସେ କାଳେ ସେ ଅଜା ଅତ ଅନ୍ତର ।୪।
ଆମର ଅଜାଙ୍କ ଅମଳ ପୁମର ହେଜିଲ ସେକାଳ ଗତ,
ତାହୁଁ ସଙ୍ଗେ ଥରେ ଦେଖିଲ ମିଳଇ କି ହେଲଣି ଆଜ ମତ ।୫।
ଜନସେବା ପାଇଁ ଜନ ଅଗ୍ରବରୁ ଗୃହକରଅ ହେଲେ ସୃଷ୍ଟି,
ସେବା ମୁଖ୍ୟ ଅର୍ଥ "ହେଉଜନ" ଉପରେ ରହିଲଣି ତାଙ୍କ ଦୃଷ୍ଟି ।୬।
ଲକ୍ଷ ଲକ୍ଷ ନେକୋଟି କୋଟି ଉଡ଼ଯାଏ ଗରିବଙ୍କ ରକ୍ତ ଶୋଷି,
ଗରିବଙ୍କ ସେବା ହେଲା କି ନ ହେଲା କେ କହିବ କିଏ ଦୋଷୀ ।୭।
ଗୃହକରଅ ବୋଲି ବୋଲୁଛ ଯାହାଙ୍କୁ ତାଙ୍କ ହାତେ ତମ ଘର,
ସେ କର ଜାଣନ୍ତି ଅବା ନ ଜାଣନ୍ତି ତମ ଘରେ ଦେଲେ ପର ।୮।
ପ୍ରଗତି ପଥରେ ଏହି ନୀତି ଶ୍ରେୟ କି ଗତି ହେବ କାହାର,
କହୁ ନ ବୁଝନ୍ତି ହେଲେ ବୁଝିବ ସମସ୍ତେ ଅଜ ଉଦାର ।୯।
ଆମର ଦୋଷରେ ଆମ ଓଡ଼ିଶାରେ ସିନା ଏ ବିଧାନ ଜାରି,
ଆମ ଛଡ଼ା ଖୋଜ ଦେଖ ଭାରତରେ ନଥିବ ଆଉ କାହାର ।୧୦।
ଆମ ଦେଶ ଭଳି ଉଦାରପଣିଆ ନ ଦେଖିବ ଆଉ କାହିଁ,
ଜଗନ୍ନାଥ, ଦେଶ ଜାଣୁଥାଇଁ ଏହା ଜଗତ ଜନଙ୍କ ପାଇଁ ।୧୧।
ଆମର ମୁରବିଗଣ ଖୋଜ ଖୋଜ କାହୁଁ କାହୁଁ ଜଣେ ଜଣେ,
ଘରକୁ ଘର ତ ବସାଉଅଛନ୍ତି ବାଣ୍ଟି ବାଣ୍ଟି ଖଣ୍ଡେ ଖଣ୍ଡେ ।୧୨।
ଘର ଗୁମରକୁ ହାଣ୍ଡିରେ ବାଢିବା ଜାଣୁଆଇ ବଡ଼ ମନ୍ଦ,
ପେଟରେ ଯୋଡ଼ାଇ ଧନ ହେଉଥିବା ତାହାଁରୁ ଅଧିକ ଛନ୍ଦ ।୧୩।
ଆମ ଘର ଆମେ ଚଳି ନ ପାରିବା ଓଳିବା ଦାଣ୍ଡରୁ ପର,
ଅଖି ବୁଜି ତାଙ୍କ ହାତେ ଛାଡ଼ି ଦେବା ସମ୍ଭାଳିବେ ଆମ ଘର ।୧୪।

GPNanda Colln., Digitized by srujanika@gmail.com

ଆମ ଦର ପାଠ ଆମ ବାର ବାଟ ସବୁ ତ ଅଜଣା ତାଙ୍କୁ,
ଖାଲି ସେ ଜାଣନ୍ତି ଅଣ୍ଟା ହୋଇଛନ୍ତି ତାଙ୍କ ପାଇଁ ସେ ଏଠାକୁ ।୧୫।
ହିସାବ କରବେ କାଗଜ ବଟିବେ ଦରମା ଗଣିବେ ଯେତେ,
ତା ଛଡ଼ା ଏ ଜାତି ଉଠିବା ପଡ଼ିବା କଥା ସେ ଭାବିବେ କେତେ ।୧୬।
ଯେ ତାଙ୍କୁ ଆଦର କରି ଆଣିଛନ୍ତି ବୁଝନ୍ତି ତାଙ୍କ ଗୁମର,
ସେତିକ ଲାଗି ସେ କାମ କରିଗଲେ ପୂରିବ ବାଞ୍ଛା ତାଙ୍କର ।୧୭।
ପରଙ୍କୁ କାହାଙ୍କୁ ଦୋଷ ଦେଉ ନାହୁଁ ଆମେ ତାଙ୍କଠାରେ ଋଣୀ,
ନିଜ ଦୁଃଖ ପାଇଁ ଭାଗ୍ୟକୁ ନ ଦୋଷି କାହାକୁ ନିନ୍ଦିବା ପୁଣି ।୧୮।
ଆମରି ଦେଶରେ ଗ୍ରାମ ମାନଙ୍କରେ ଆମ ମତ ଗତ ଯାହା,
ଦୂର ବିଦେଶୀଙ୍କୁ ଜାମା ଯୋଡ଼ା ପିନ୍ଧ କେମନ୍ତେ ବୁଝିବେ ତାହା ।୧୯।
ଆମ ଗ୍ରାମ ଭାଇ ଭଉଣୀଙ୍କ ସଙ୍ଗେ ମିଶି ନ ପାରିବେ ଯେହ୍ନୁ,
ଘରେ ଘରେ କାହା ଭିତର ଅବସ୍ଥା କେମନ୍ତେ ବୁଝିବେ ସେହ୍ନୁ ।୨୦।
କମଳ ଖୋସଣୀ ବାନ୍ଧି କି ଦରବ କାହୁଁ ପାଇଁ ଅବା ଥୋକେ,
ରଖନ୍ତି ଏ କଥା କେମନ୍ତେ ବୁଝିବେ କାହୁଁ ଆସି ଦାଣ୍ଡ ଲୋକେ ।୨୧।
ଆମ ଦାଣ୍ଡ ଶାଳ ଦେଉଳପିଣ୍ଡି ପୂଜା ବିଧାନ ଯେବେ ଶୁଣିବେ,
ତାଙ୍କ ଦ୍ୱିପାଦରେ ହୀନ ପଶୁ ବୋଲି ଏ ଜାତିକୁ ଧରି ନେବେ ।୨୨।
ବଡ଼ୁଚିବେ ସିନା କେତେ ଭାବିଛନ୍ତି ତାଙ୍କ ମଧ୍ୟେ ଯେହ୍ନୁ ଜ୍ୟେଷ୍ଠ
ଅତି ଆଦରରେ ଆଣିଛନ୍ତି ସିନା ବଡ଼ୁରି ଆମ୍ଭଙ୍କୁ ଶ୍ରେଷ୍ଠ ।୨୩।
ଏ ଜାତି ଅଯୋଗ୍ୟ ଧର ଚଳିବାକୁ ଆମେ ତାଙ୍କୁ ଶିଖାଇବା,
ଆମ ନିଜ କଥା ଆମେ ନ ଭୁଲିବା ସେତିକ କି ଲାଗିଥିବ ।୨୪।
ସ୍ୱାଭାବିକ ନୀତି ଏହାକୁ ତ କେହ୍ନୁ ନିନ୍ଦ ନ ପାରିବେ କେବେ,
ଅଠରେ ଜାଣି ହୋଇ ବସି ଗଲା ପରେ ବଳେ ବଳେ ଛନ୍ଦ ହେବେ ॥
ଯାଙ୍କୁ ଡାକିହାକି ଧର କ୍ଷମା କଲୁଁ ତାଙ୍କୁ କେବେ ନ ଦୋଷିବା, .
ଆମରି ମୁଖିଆ ଭାଇ ଯେ ଡାକିଲେ ତାଙ୍କ ଗୁହା ଝୁରୁଥିବା ।୨୫।

GPNanda Colln., Digitized by srujanika@gmail.com

କେବେ ଆମ ଆଖି ଫିଟିବ ନ ଜାଣୁ କେବେ ଅଟେ ଆମ ଘର,
ନିଜେ ସମ୍ଭାଳିବା ଯେ ପାରୁଁ ଯେମନ୍ତେ ବୁଝିବା ଏ ଆମ ଢର ।୨୭।
ଆମର ଦେଶର ଭାଇମାନଙ୍କର ଆଖି ନ ଫିଟିବା ଯାଏ,
ଯେ ଯେତେ ଭାବିଲେ ଆମ ଏ ଭାବନା ଉଡୁଥିବ ବାଏଁ ବାଏଁ ।୨୮।
ଗ୍ରାମର ମଙ୍ଗଳ ଦେଖିବା ପାଇଁକି ସମସ୍ତେ ବ୍ୟାକୁଳ ଅଛ,
କି ହେଲ ନ ହେଲ ବୁଝିବା ପାଇଁକି କିଏ ଅଛି କହ ଭାଇ ? ୨୯।
ଗ୍ରାମର ଗଡ଼ନ୍ତ୍ର ଗ୍ରାମର ପଡ଼ନ୍ତ୍ର ଗ୍ରାମର ବଡ଼ନ୍ତ୍ର ପାଇଁ,
ଯେ ଜନ ଭାଳିବେ ଯେ ଜନ ଗୁଳିବେ ତାଙ୍କୁ ତ ଲୋଡ଼ିବ ନାହିଁ ।୩୦।
ପାଠୁଆ ପଣ୍ଡିତ ଭାବ କାହୁଁ ଆଣି ଲଗାଇବ ଏ କାମରେ,
ମେଲ ସିନ୍ଦୁକରୁ ଖୋଲି ଧନ ଗଣି ତୋଷ ହେବ ରପୋଟରେ ।୩୧।
ଯାହା ଯେବେ କେବେ ଥିଲଟି ହିତକୁ ଆମ ଦେଶ ଜନଙ୍କର,
ଏକାଳ ପବନ ଲାଗି ନଷ୍ଟ ହେଲାଣି ଅହିତ ପାଇଁ ଆମର ।୩୨।
ଆମ ହିତ କଥା ଅଟେ ନ ଭାଳିବା ଅଟେ ତ କୋହୁଁ ଆମର,
ପ୍ରଭୁଙ୍କ ଇଚ୍ଛାରେ ଏତକ ଯେ ଥାଇଁ ସେତକ କୃପା ତାଙ୍କର ।୩୩।
"ସେବା" ଶବଦକୁ ଖାଇବା ଅର୍ଥରେ ବୁଝନ୍ତି ଗାଉଁଲି ଲୋକେ,
"ଜନସେବା" ଅର୍ଥ ଜନକୁ ଖାଇବା ବୁଝିବେ ସହଜେ ଥୋକେ ।୩୪।
ପାଖେ ପଶିବାକୁ ଡରିବେ ତ ତାଙ୍କୁ ଆପଣା ମନ ଭିତରେ,
ହିତେ ବିପରୀତ ଫଳ ଯେ ଫଳିବ ଜାଣାଶୁଣା ଏ ଶେଷରେ ।୩୫।
ଆମ ଜାତି ଭାଗ୍ୟ ଅଟେ ନ ଗଢ଼ିବା ରହିବା ପରକୁ ଚାହିଁ,
ଆମଠାରୁ ବଳି ଅଧିକ ଅଭାଗା କହ କିଏ କାହୁଁ ଥାଇଁ ? ।୩୬।
ସେହୁ ଜାତି ଅଟେ ଅଯୋଗ୍ୟ ଅଭାଗା ଗାଇ ଗାଇ ନିଜ ମୁଖେ,
ପର ଅନୁଗ୍ରହ ଖୋଜି ବୁଲୁଥାଇଁ ନିଜ ଘରେ ମନ ଦୁଃଖେ ।୩୭।

GPNanda Colln., Digitized by srujanika@gmail.com

ଚଉରାଅଶୀ ବର୍ଷର ଚିନ୍ତା

ଚଉରାଅଶୀ ବର୍ଷ ପୂରୁଅଛି ଏବେ ନ ଜାଣେ ମୁଁ କେବେ ମରିବି,
କରିବା ଶକତି ସବୁ କମିଲାଣି ନ ମରି କି ଆଉ କରିବି ।୧।
ଅଙ୍ଗେ ଅଙ୍ଗେ ଶକ୍ତି ଯା ଥିଲା ଯେଉଁଠାରେ କମିଯିବାରୁ ସେ ସକଳ,
ଅନ୍ୟ ମାନଙ୍କର ସାହାଯ୍ୟ ଲୋଡୁଛି ସେତିକେ ମୋ ପ୍ରାଣ ବିକଳ ।୨।
ଜଗତର ନୀତି ଥିବାଯାଏ ଶକ୍ତି ଲୋଡ଼ା ନ ହେଲେ ବି ଅନ୍ୟକୁ,
ବଳେ ବଳେ କେତେ ସାହାଯ୍ୟ ଯୋଗାନ୍ତି ତୋଷିବା ପାଇଁକି ମନକୁ ।୩।
ହଠିଗଲେ ବଳ ଜାଣି ଏ ସକଳ ଅନୁଗ୍ରହ ଇଚ୍ଛା ଭିତରେ,
ମନକୁ ମୋହର ଡରେ ବିଚଳିତ ବାଧା ଦେଇ ତାଙ୍କ କାମରେ ।୪।
ଏବକୁ ଏ ଯୋଗ ମୋତେ ମହାରୋଗ ଗ୍ରାସିଲା ପରାଏ ଲାଗୁଛି,
କେଉଁ ପାପେ ଭଲ ନ ମରି ଏସବୁ ସହିବାକୁ ମୋତେ ବାଧୁଛି ।୫।
ବାହାର ପାଇଁ ତ କିଛି କରିନାହିଁ ଘରବା ଭରସା ଗଲାଣି,
କିଛି କହିଲେ କିଛି କରି ପାରୁନାହିଁ ଅଭାଗୀ ଅବସ୍ଥା ହେଲାଣି ।୬।
ବେଳ ଅବେଳରେ ଡାକିଲେ ଯାହାକୁ ମୋ କଥାଟି କେବେ ନ ହୁଡ଼,
ସେ ଯାହାର ନିଜ ନିଜ କାମ ଛାଡ଼ି ଆସୁଛନ୍ତି ସବୁ ଦଉଡ଼ ।୭।
ଋଣୀ ହେଉଅଛି ସମସ୍ତଙ୍କ ଠାରେ ଗୁଣି ଗୁଣି ଏହି ଏତେକ,
ମନେ ମନେ ଯେତେ ଘାରି ହେଉଅଛି କହିବି କାହାକେ ସେତିକ ।୮।
ନିଃସ୍ୱାର୍ଥ ସେବାରେ ଯେତେ ଲାଗିଛନ୍ତି ଜାଣୁଅଛି ଖାଲି ମୋ ପାଇଁ,
ଏ ଜୀବନେ ତାଙ୍କ ଋଣ ମୁଁ ଶୁଝିବି ଶକତି ହେଲେ ତ ମୋ ନାହିଁ ।୯।
ଯେତେ ଖଟୁଛନ୍ତି ତାଙ୍କୁ ମୁଁ ଘାଣ୍ଟୁଛି ଯେ ଗୃହ କାହାନ୍ତି ଚତୁର,
ଏତିକି ମୁଁ ନିଜେ ମନେ ଭାବି ଭାବି ଅଧିକରେ ସିନା ଆତୁର ।୧୦।
ଏତେ ଦୀର୍ଘକାଳ ବଞ୍ଚି ରହିଲି ମୁଁ ପାଞ୍ଚ କଲି ଯେତେ ପ୍ରକାର,
ଭାଗ୍ୟ ଦୋଷେ ସିନା ଦେଖି ନ ପାରିଲି ମନଗୁଣେ ତାଙ୍କ ଆକାର ।୧୧

GPNanda Colln., Digitized by srujanika@gmail.com

ଗ୍ରାମେ ଗ୍ରାମେ ଯେତେ ଦୁଃଖୀ ରଙ୍କୀ ଶୁଣି ମାତିଗଲେ ମୋହ କଥାରେ,
ସେତେ ଯେ ଅଳିଆ ଗୋହାରି ଶୁଣିଲେ କେତେ ଶ୍ରମ ଗଲା ବୃଥାରେ ॥
ତାଙ୍କରି ପାଇଁକି ଯେତେ ପଞ୍ଚ ଭଲ ଗ୍ରାମେ ଗ୍ରାମେ ନାମ ରଟିଲା,
ବିଧାତାଙ୍କ କୂଟ କପଟ ପ୍ରଭାବେ ମୋ ଦମ୍ଭ ଯେତକ ହଟିଲା ।୧୩।
ଥିଲେ ଅଧୀନରେ ଗ୍ରାମ ରମଣୀ ସେ ଆଖି ବାନ୍ଧିଥିଲେ ଓଇକୁ,
ଯାହା ଘଟିଲାଣି ହଠାତେ ମୋହର ଦୋଷ ଘୋଷୁଥିବେ ପଛକୁ ।୧୪।
ଏଣ୍ଡି ଯୋଉ ଘର ଦେଖି ମାରୁଥିବା ଘରେ ଘରେ ଦୃଶ୍ୟ ଏବେକୁ,
ଅଦୃଶ୍ୟ ହେବାରୁ ସ୍ୱପନରେ ମିଶି ଦେଖାଡେର ଯୋଡ଼ନ୍ତି ହୃଦକୁ ।୧୫।
ମୋ କ୍ଷୁଦ୍ର ଉଦ୍ୟମ ଯେତେ ଭାଙ୍ଗୁଛନ୍ତି ସେ ତ ଉପୁଡ଼ନ୍ତି ଓଇକୁ,
ଗତିବଙ୍କ ଦୁଃଖ ତାଙ୍କ ହୃଦୟକୁ ଛୁଇଁବ ପାଦ୍ୱବ କି କେବେକୁ ।୧୬।
ଦେଖି ଦେଖି ଭୁଲ୍ଲା ଭଲ ହେଉଅଛି ଭବିବା ଶକତ ମୋ ନାହିଁ,
କହି ପାରୁନାହିଁ ସହି ପାରୁନାହିଁ ଏଥି ରହିବ ମୁଁ କାହାଇଁ ।୧୭।
ଆମର ଗତିବ ଭାଇ ଭଉଣୀଙ୍କ ଦୀନଦଶା ନ ହେଲେ ହଟିବା ପାଇଁ,
ଶେଷ ଭରସା ମୋର ପ୍ରଭୁଙ୍କ ଚରଣେ ତାହା ଛଡ଼ା ଅନ୍ୟ କି ଗତି ନାହିଁ ॥

— ✹ —

ସ୍ୱାଧୀନ କହିବା କେଉଁ ମୁହଁରେ

ସ୍ୱାଧୀନ କହିବା କେଉଁ ମୁହଁରେ,
ଗୋଡ଼ରୁ ମୁଣ୍ଡ ଯା ବୁଡ଼ିତ ରହିଛି ପରାଧୀନତାର ଗାଢ଼ ମୋହରେ ।
ନାହାନ୍ତି ଆଉ ସେ ବଳିତ ଜାତ
ବସିଥିଲେ ମାଡ଼ ଚଲାଇଲେ ଗୁଣ୍ଡା ଆମେ ତାଙ୍କ ପ୍ରେମେ ରହିଛୁ ମାତି ।
ତାଙ୍କ ପ୍ରେମ ପଞ୍ଜି ଯେତେ ବାଗରେ,
ଖଞ୍ଜି ଯାଇଛନ୍ତି ଆମ ହୃଦେ ହୃଦେ ତେଜ ମାଉଛି ସେ କି ସବୁଗରେ ।
ଯେତେ ଯା ଭଆଣ ଯେତେ କୌଶଳ,
ବାନ୍ଧି ଯାଇଛନ୍ତି ଛନ୍ଦି ଯାଇଛନ୍ତି ଅବକଲ ରଖି ଅଛୁଁ ସକଳ ।

GPNanda Colln., Digitized by srujanika@gmail.com

ଯେତେ ସରକାରେ ଆମର ତ୍ରୁଟି
ଧର ସେ ବିଲାତ ଥିଲେ ରଖି ଅଛୁଁ ନ ଦେଖିବ ତଳେ ତହିଁର ସୃଷ୍ଟି
ବାଧି ନ ଥିଲ ଯା ତାଙ୍କ ହାତରେ,
ନିଜ ନିଜ ହାତେ ବାଧୁଛୁ ଅଧିକ କହିବା ଏ ଦୁଃଖ କାହା ପାଖରେ ।
ତାଙ୍କ ଭାଷା ଏବେ ଭାଷା ଆମର,
ସେହି ଭାଷା ବଳେ ଭିତରେ ବାହାରେ ଘୋଡ଼ାଇ ରଖିଛୁଁ ନିଜ ଗୁମର
ରାଜ ଦରବାର ସମସ୍ତଙ୍କର
ବଳତ କୌଶଳେ ସେହି ଭାଷାବଳେ ଗୁପତ ରଖିଛୁଁ ସେଠା ଫିକର
ସେ ଭାଷାକୁ ନେକ ଦେଲୁଣି କାହିଁ
ସେ ଭାଷା ମାଧ୍ୟମ ବିନା ଛଡ଼ ନିଜ ଭାବ ବିନିମୟ ଫୁଟେ ନାହିଁ ।
ଆପଣା ମଧ୍ୟରେ ଚିଠି ପତର
ଦଲାଲ ସଉଦା ଚିପିବା ପାଇଁକି ଅକାମୀ ହେଲଣି ଭାଷା ଆମର ।
ଗୁଡ଼ ଦିଅ ଆମ ସରକାରଙ୍କୁ,
ଆମ କାମ ପାଇଁ ଅଟେ ବାଛୁଛନ୍ତି ଆମ ଭାଷା ନ ଜାଣିବା ଜନଙ୍କୁ ।
ଯେତେ ଲୋକ ଯେଉଁ ଦେଶରେ ଥାଇ,
ଆମ ଭଳି ଅଭ ଶାସନ କୌଶଳୀ କୌଣସି ଦେଶରେ ଦେଖିବ ନାହିଁ
ଲୋକଙ୍କ ଭାଷାରୁ ଭାଷା ଅନ୍ତର,
ସରକାରଙ୍କର ନ ହେଲେ କେମନ୍ତେ ରହୁ ମାତ୍ରେ ସରକାରଙ୍କୁ ଡର ।
ଲୋକେ ହରବର ନ ହେଲେ ଜାଣି
ସହଜେ ଭାବିବେ ଆମ ସରକାର ନୁହନ୍ତି କାମର ନୁହନ୍ତି ଠାଣି ।
କଚେରି ବାଜେସ୍ତ ଦରବାରରେ
ଲେଖାପଢ଼ି ଥିଲେ ଆପଣା ଭାଷାରେ ବୁଝିନେବେ ଲୋକେ ସବୁ ସହଜରେ
ତଣ୍ଟି ନ ଚିଣିଲେ ଷଟିକୁଷଣ
କାହିଁ ଆମ ଲୋକେ ବୁଝିବେ ସହଜେ ସରକାରଙ୍କର ପାରିଲା ପଣ ।

GPNanda Colln., Digitized by srujanika@gmail.com

ଶାସନ କଳରେ ଚେତକ ଘାଟି

ଆମ ଭାଷା ଅନଭିଜ୍ଞ ଜନ ସବୁ ଲଗି ବସିଛନ୍ତି ନ ଫିଟେ ପାଟି ।
ଆମ ଲୋକେ ବୋଲକରା ଚାକର,
ତାଙ୍କ ଇଙ୍ଗିତରେ ଆଖି ପଲକରେ କାଟିଦେବେ ସିନା ଗଳା ଆମର ।
କହ ଭାରତରେ କେଉଁ ଦେଶରେ,
ଆମଭଳି ନିଜ ଘର ନ ସମାଳି ଗୁଡ଼ ଦେଉଛନ୍ତି ପର ହାତରେ ।
ଉଡ଼ନ୍ତା ନଚେଇ ଘରେ ପୋଷିବା,
ବୁଡ଼ନ୍ତା ଡଙ୍ଗାରେ ହସି ହସି ବସି କାହା ବ୍ୟାତାଙ୍କୁ ଭୁଲ୍ଲା ଦୋଷିବା ।
ବିଲାତି ପ୍ରେମର ଫଳ ଏତକ,
ଶାସନ କଳର ମୂଳ ଡାଳ ପେର ବିଲାତି ଢଙ୍ଗରେ ଗଢ଼ା ଚେତକ ।
କହ ଆମ ଜାତି କାହୁଁ ସ୍ୱାଧୀନ,
ପର ଜୁଆଳିକୁ କାନ୍ଧରେ ପକାଇ କେତେ ହୀନ କେତେ କାହା ଅଧୀନ
ଆମେ ବୋଲି ଆମେ କହିବା ନାହିଁ,
ମନେ ମନେ ଯେବେ ଚେତକ ଭାବିବୁଁ ତନ୍ତ୍ରେବ ଆମକୁ ଆମର ଭାଇ ।
ବିଲାତି ବୁଦ୍ଧିଆ ଦଳ ବଗୁବ,
ପିଲାଙ୍କୁ ପାଠ ବାଟ ଚଞ୍ଚିଥିଲେ ତାଙ୍କୁ ବୁଡ଼ିବାକୁ ଲଗିଛୁଁ ଜାବ ।
ସେ ପାଠ ଗୁଣରେ ହେଲାଣି କସ
ଦୁଷ୍ଟା ନିର୍ବୁଦ୍ଧିଆ ଏବେ ନ ବୁଝିଲୁ ଖେଳାଇ ଗୁଳୁଛି ଦେଶରେ ବିଷ ।
ପାଠ ପାଠ ବୋଲି ଦେଲେ ମତାଇ,
ସେ ପାଠ ଭିତରେ କି କୂଟ କପଟ ଖଞ୍ଜିଲେ ସେତକ ବୁଝିଲୁ ନାହିଁ ।
ପିଲାଟି ଦଳକୁ କାମକୁ ଡର,
ଅଭ୍ୟାସ ବଢ଼ାଇ ଗଢ଼ାଇ ଗଢ଼ାଇ ଅକର୍ମା ସମସ୍ୟା ହେଲା ପ୍ରଖର ।
ତାଙ୍କ ପାଠ ପଢି ତାଙ୍କ ଫାନ୍ଦରେ,
ବାନର ପାଲଟି ନାଚଗଲେ ଥୋକେ ତାତା ଥେଇ ଥେଇ କି ଆନନ୍ଦରେ

GPNanda Colln., Digitized by srujanika@gmail.com

ଗୃହଶିଅ ତୋର ବାନ୍ଧ କଣ୍ଠରେ,
ତାଙ୍କ ବେଶ ପନ୍ଥା ସିଦ୍ଧ ହେଉଥାନ୍ତା ନାଚିଲେ ଦେଶରେ ସ୍ୱର ଅଣ୍ଟରେ ।
ତାଙ୍କୁ ଗୃହଁ ଭୁଲିଗଲେ ସକଳେ,
ତାଙ୍କ ପାଠ ତାଙ୍କ ଗୁଣ ଶିଖିବାକୁ ମାତିଗଲେ ଦେଶବାସୀ ସକଳେ ।
ଭୁଲିଗଲେ ନିଜ ଜାତି ଶଉତ,
ପାଠ ସଙ୍ଗେ ସଙ୍ଗେ ପୋଷି ବଢ଼ାଇଲେ ବିଲାତ ନାମକୁ ପ୍ରେମ ଭକତି ।
ବିଲାତ ସ୍ୱଜାତ୍ୱ ନାହିଁ ଦେଶରେ,
ଯେତେ ଯେ ବିଦ୍ୟାକୁ ମନ୍ତ୍ରି ପୋତିଥିଲେ ଆମ୍ଭଙ୍କୁ ନାଶିବ ସେହି ଶେଷରେ
ଶିକ୍ଷା କି ଶାସନ ଯେତେ ଯେ ବିଧି,
ସେ ତ ଗଢ଼ିଥିଲେ ଜାତି ଏ ଜାତିକୁ କରନ୍ତେ ତାଙ୍କର ବାସନା ସିଦ୍ଧି ।
ଚିର ପରାଧୀନ କରି ଆମ୍ଭଙ୍କୁ,
ରଖିବା ବିଧାନ ସିନା ଗଢ଼ିଥିଲେ ବିଚାରି ତାହାଁର ଶେଷ ଫଳକୁ ।
ସେହି ବିଧାନକୁ ଶିରେ ମୁଣ୍ଡାଇ,
ନିଜ ସ୍ୱାଧୀନତା କେମନ୍ତେ ଘୋଷିବା ଅପଣା ପ୍ରାଧାନ୍ୟ ଆମେ ଦେଖାଇ ।
ଜନ ଶିକ୍ଷା ବିଧି ଶାସନ କଳ,
ମୂଳଭିତ୍ତି ଏହା ସମ୍ଭାଳିବା ପାଇଁ ଯେତେ ଯାହା କିଛି ଜାତୀୟ ବଳ ।
ଏହି ଦୁଇ ସଂଗଠନ ଉପରେ,
ଜାତୀୟ ଉନ୍ନତି ଗଠନ ବିକାଶ ଜାଣିବ ସମ୍ପୂର୍ଣ୍ଣ ନିର୍ଭର କରେ ।
ଆମ ସଂଗଠନ ଆମ ଭଳିକା
ଯେତେକାଳ ଗଢ଼ା ନ ହେବ ଜାଣୁଛି କାନ୍ଦୁଥିବା ଚୁଚ୍ଚା ପଢ଼ି ତାଳିକା
ଚୁଚ୍ଚା ତାଳିକାରୁ କି ଫଳ ପାଇ,
ଧୀରେ ଧୀରେ ଅଧୋଗତି ଲଭୁଥିବା ଶୂନ୍ୟ ଗଗନକୁ ଅକୁଳେ ଚୁହିଁ ।
ଶାସନ କଳଟି ବିଦେଶୀଙ୍କର,
ଗଢ଼ିଥିଲେ ଏହି ଜାତିକୁ ରଖନ୍ତେ ଚିରକାଳ ପାଇଁ ତାଙ୍କ କିଙ୍କର ।

GPNanda Colln., Digitized by srujanika@gmail.com

ତାଙ୍କୁ ତଡ଼ି ଯେବେ ହେଲୁ ସ୍ୱାଧୀନ,
ତାଙ୍କର ଶାସନ ଭଲ ଚଳାଇବୁ କିଏ ନ କହୁବ ଏବେକ ସ୍ଥାନ ।
ଧର୍ମ ଥିଲା ଆମ ଦେଶର ମୂଳ,
ଶିକ୍ଷା ଓ ଶାସନ ଦୁଇ ପ୍ରଭାବରେ ଧରମ ଦେଶରୁ ହେଲା ନିର୍ମୂଳ ।
କର୍ମ ଥିଲା ଆମ ଜାତି ମନ୍ତ୍ର,
ଶିକ୍ଷା ଓ ଶାସନ ଚୋପଚେ ଚୋପଚେ ହେଲେଣି ଅପର କର୍ମ ତନ୍ତ୍ର ।
କର୍ମ କରିବାକୁ ପାଠଶାଳ ଗର୍ବ,
ହୋଇ ତ ଗଲୁଣି ଆଜି ହତଶିଶ୍ରୀ ସମସ୍ତଙ୍କଠାରେ ହେଲୁଣି ଖର୍ବ ।
ସତ୍ୟ ବୁଡ଼ିଗଲା ମିଥ୍ୟାର ତଳେ,
ଘରେ ଘରେ ମିଥ୍ୟା ନ ହେଲେ ନ ଚଳେ ମିଥ୍ୟାର ପ୍ରଭାବ ପ୍ରତି କ୍ଷେତ୍ରରେ
ଏ ସବୁର ମୂଳ କଲେ ସନ୍ଧାନ,
ବିଦେଶୀଙ୍କ ଶିକ୍ଷା ବିଦେଶୀ ଶାସନ କାଳରୁ ଲଭିବ ଏ ଦୁଃଖମାନ ।
ଅସତ ସାଞ୍ଜୁଆ ପିନ୍ଧି ଅଙ୍ଗରେ,
ଅସତର ପ୍ରେମ ପତାକା ଉଡ଼ାଇ ନାଚୁଥାଉଁ ସ୍ୱାଧୀନତା ସମରେ ।
ସ୍ୱାଧୀନ ନ ଥାଇ କି ଥିଲୁଁ ଆଗେ,
ଏବେ କି ହେଲୁଣି ବୁଝିବା ପାଇଁକି କାହାକୁ ତ ଆଉ ଦଣ୍ଡ ନ ଲାଗେ ।
ଆମ ସ୍ୱାଧୀନତା ରକ୍ଷିବା ପାଇଁ,
ଆମ ଘରେ ଘରେ ଅଜଣା ଭିତରେ ଚାଣ ସଂଗଠନ ଦଣ୍ଡ ତ ନାହିଁ ।
ଯେତେବେଳ ଯାଏ ଅଛେ ଅମର,
ଘର ସମ୍ଭାଳିବା ପାଇଁକି ଅଯୋଗ୍ୟ ଆମ ସ୍ୱାଧୀନତା ମିଛ ଖବର ।
ସ୍ୱାଧୀନ କହୁବା କେଉଁ ମୁହଁକୁ,
ଯେତେବେଳ ଯାଏଁ ଛଡ଼ାଇଁ ନ ପାରୁଁ ପରଙ୍କ ହାତରୁ ନିଜ ଧାନକୁ ।
ଭୁଲିଯାଇ ନିଜ ଗାଧ ମୋହକୁ,
ଦେଇ ଭାଗ୍ୟ ଡୋର ପରଙ୍କ ହାତରେ ସ୍ୱାଧୀନ କହୁବା କେଉଁ ମୁହଁକୁ ।
ତା ୨୦ । ୧୦ । ୫୨

GPNanda Colln., Digitized by srujanika@gmail.com

ଜୀବନ ଖେଳ

ଖେଳିବାକୁ ଆସିଥିଲି ଖେଳ ଯିବ ସରି,
ପଡ଼ିଯିବ ଦୂରୁ ମୁହଁ ଗଲୁଣି ତ ମରି ।
ଯାହାପାଇଁ କାମ କିଛି କରିଥାନ୍ତି ଯେତେବେ,
ସେ ଅବା ହେଜନ୍ତା ମୋହ ନାମ କେବେ କେବେ ।
ମୋ ପାଇଁ ଅଚଳ କିଛି କାମ ନ ରହୁବ,
ମୋ ଥିବା ନ ଥିବା କେବା କପାଇଁ ଭାଳିବ ।
ଜଗତର ଗତି ଗତ ସବୁ ଦେଖୁଥାଇଁ,
ମିଛ ଏଣୁ ତେଣୁ ତୃଷ୍ଣା ଭାଳୁ କାହିଁ ପାଇଁ ।
କେ ଯାହା କରୁଛି କରୁଥାଉ ତା ମନକୁ,
ଭାଳିଲେ ଭାଳିବା ଦୁଃଖ ଟିକେ ଯେ ନିଜକୁ ।
ହେବାର ଯା ଥିବ ହୋଇଯିବ ତା ଆପଣେ,
ନ ହେବା କଥା କି ହେବ ଭାବି ଅନୁକ୍ଷଣେ ।
ସୁଖ ଦୁଃଖ ସବୁ ଜନ୍ମ ବୃଥା କଳ୍ପନାରୁ,
କଳ୍ପନା ପାଶୋର ମୁକ୍ତ ହୁଅ ଦୁଃଶ୍ଚିନ୍ତାରୁ ।
ଚିନ୍ତା କର ଚିନ୍ତାମଣି ନିର୍ମଳ ଚିତ୍ତରେ,
ଅନ୍ୟ ଯେତେ ଚିନ୍ତା ହଟିଯିବ ନିରନ୍ତରେ ।
କର୍ମ କରିବାର ଅଧିକାର ନିଜ କରେ,
ଲାଗିଥାଅ ଜୀବ ଥିବାଯାଏ ଟି କର୍ମରେ ।
କର୍ମ ହେଲା ସତେ ସତେ ଜୀବନର ଖେଳ,
କର୍ମ ପାଇଁ ନ ବାଛିବ ବେଳ କି ଅବେଳ ।

GPNanda Colln., Digitized by srujanika@gmail.com

ମାଆ ମାଉସୀ

(ଗାଉଁଲି ସ୍ୱର)

ମାଆ ମାଉସୀଏ ଭଉଣୀ ଭାଣିଜୀ ମୋ ଝିଏ ନାତୁଣୀ ଗଣ,
ଗାଆଁକୁ ଗାଁ ତ କବାଟ କୋଣରେ ବସିଛ ପର୍ଦ୍ଦାକୁ ପଣ ।୧।
ବଡ଼ ବଡୁଅଙ୍କ କଳା କଉଶଳ ତମ ହାତ ଆଙ୍ଗୁଳିରେ,
ପୂରି ରହିଥାଇ ଜାଣି ନ ପାରୁଛ ସରଳ ସିଧ ଆଖିରେ ।୨।
ଅନାଇ ବସିଛ ଶୂନ୍ୟ ଗଗନକୁ ପଡ଼ିବ କି ଖସି ଖସି,
ଘରେ ଉବ୍ଜିବ ଧନ ଦଉଲତ ଗୃହୁଁ ଥିବ ହସି ହସି ।୩।
ଏହି ଭାବନାରେ ବାଉଳା ହୋଇ ତ ଲଭୁଅଛ ଯେତେ ଦୁଃଖ,
ସେ ଦୁଃଖ କି କେବେ ଭଲେ ହଟିଯିବ ମିଳିବ କଦାପି ସୁଖ ? ।୪।
ସେ ଭାବକୁ ଭୁଲି ହାତକୁ ଖଟାଅ ହାତରେ ପରଶ ମଣି
ହାତ ପରଶରେ କାହିଁ କି ଝଡ଼ିବ ନ ପାରିବ କେବେ ଗଣି ।୫।
ତୁଚ୍ଛ ମଣି ଯାକୁ ଦେଉଛ ଫୋପାଡ଼ି ତହିଁରୁ ଫଳିବ ଯାହା,
ହାତକୁ ଖଟାଇ ନ ଝାଡ଼ିବା ଯାଏ ପରତେ ନ ହେବ ତାହା ।୬।
ହାତ ନ ଖଟାଇ ଗୃହେଁ ବସିଥିଲେ ବସିଥିବ ଗୃହେଁ ତୁହିଁ ହିଁ,
ଦିନ ହଟିଯିବ ଧୈର୍ଯ୍ୟ ତୁଟିଯିବ ଫଳ କିଛି ହେବ ନାହିଁ ।୭।
ଯାହା କିଛି ହେଉ କାମ କରିବାକୁ ହାତ ଯେବେ ବଳାଇବ,
ହାତ ପଛେ ପଛେ କେତେ କଉଶଳ ମନକୁ ଫୁଟି ଉଠିବ ।୮।
ହାତ ସଙ୍ଗେ ମନ ମିଶାଇ ଦୁହିଁଙ୍କୁ ଖଟାଇ ଯେବେ ଲାଗିବ,
ଗୋଡ଼ମାଟି ତମ ହାତ ପରଶରେ ସୁବର୍ଣ୍ଣ ପାଲଟି ଯିବ ।୯।
ପାଳ ଗଦାରୁ ତ ପାଳ କୁଟା ନେଇ ବୁଣି ଦେଲେ ଘାଲ ପଟି,
ଧନୀ ଲୋକ ଧନ ଅଜାଡ଼ି ଦେବାକୁ ନ ଯିବେ କଦାପି ହଟି ।୧୦।
ନିତ ନିତ ଲୋଡ଼ା ସମସ୍ତଙ୍କ ଘରେ ଯେତେ ଯେ ଦରବ ମାନ,
ସେ ସକଳ ତୁମ୍ଭେ ସହଜେ ଗଢିବ ଦେଲେ ଖାଲି ମନ ଧ୍ୟାନ ।୧୧।

GPNanda Colln., Digitized by srujanika@gmail.com

କାଷ ପଥର କି କଦଳୀ ବାହୁଙ୍ଗା ଏଭଳି ଦରବ ଗୁଡ଼ି,
ଅତି ସହଜରେ ଗୋଟାଇ ଆଣିବ ନ ଗଣି କଡ଼ା କଉଡ଼ି ।୧୨।
ବାଉଁଶ କରଡ଼ି ଅଗ୍ନିଫୁଲ ନାଡ଼ କାଇଁଚ ଖୋଳପା ଆଣି,
କେତେ କି ପଦାର୍ଥ ଗଢ଼ା ହେଉଅଛି ନ ପାରିବା କେତେ ଜାଣି ।୧୩।
କେତେ କଉଡ଼ିଆ ଦରବ ଏଥିରୁ ହୋଇ ପାରେ ହେଉଥିବ,
ଖାଲି ତମ ହାତ ଗୁଣେ କି ନ ହେବ ଏତକ ଭୁଲି ନ ଯିବ ।୧୪।
ଅନୋଡ଼ା ଦରବ ଉଦାହରଣ ମୁଁ କହିଲି ସିନା କେତୋଟି,
ହାତ ପାଖରେ ଯେତେ ଯୋଗାଡ଼ା ହେଉଛି କେ ଗଣିବ ଗୋଟି ଗୋଟି ॥
ଗାଆଁ ବାଡ଼ି ଘରଠାରୁ ଦାଣ୍ଡ ଘାଟ ଗଡ଼ିଆ ପଡ଼ିଆ ପାଟ,
ଅଳିଆ ଗଦା ତ ପୂରି ରହୁଥାଇ ବଣ ବୁଦା ବାଟ ଘାଟ ।୧୬।
ଅଳିଆ ନୋହେ ସେ ଅମୂଲ୍ୟ ଦରବ ଗୋଟି ଗୋଟି ଯେ ଗୁଡ଼ିକ,
ତମ ହାତ ଖାଲି ଖଟାଇଲେ ତହୁଁ ଝୁଡ଼ିବ ମୋତି ମାଣିକ ।୧୭।
କଣା ଦରବ ତ ସୁମେସ୍ତ କରନ୍ତି ଗଣାନ୍ତି କଉଡ଼ି ଅଗ,
ପଦାର୍ଥ ଗଢ଼ିଲେ ମୂଲ୍ୟରେ ତାହାର ମିଶାନ୍ତି ଆପଣା ଭାଗ ।୧୮।
ଅନୋଡ଼ା ଦରବ ପଦାର୍ଥରେ କେବେ ନ ଥାଇ ଭାଗ କାହାର,
ଅନୋଡ଼ା ଦରବ ପଦାର୍ଥ ଯେ ଗଢ଼େ ଷୋଳ ଅଣା ସେ ତାହାର ॥
ହାତ ଗୁଣେ ମୂଲ୍ୟ ବଢ଼ାଇ ପାରିବ ନିଜ ଦରବକୁ ନିହିଁ,
ମନ ମାନିଗଲେ ମୂଲ୍ୟ ଗଣିବାକୁ କେହି ତ ହଟିବେ ନାହିଁ ।୨୦।
ତମରି ଗରବା ଯେତେ ପଦାର୍ଥକୁ ଅନୋଡ଼ା ମୁଁ ମଣୁଥିଲି,
ଖାଲି ମନ ଦେଇ ଘାଣ୍ଟିଲ ବେଳକୁ ଭିନ୍ନ ରୂପ ମୁଁ ଦେଖିଲି ।୨୧।
ଗୋଟି କି ଗୋଟି ତ କୋଟିଏ ନିଧି ଭଳି ମୋତେ ସବୁ ଦେଖାଗଲେ,
ଅବୋଲ ବସିଲି ଘୁଡ଼ି ନ ପାରିଲି ଗୋଟିକୁ ବି ହେଲେ ଭଲେ ।୨୨।
ଏ ସବୁକୁ ହେଜ ଲାଗ ମାଆ ମୋର ଆଖିବୁଜା ଦାନ ବ୍ରତ,
କଉଡ଼ି ଝଡ଼ିବ ଆସି ଦରେ ଘରେ ଗଣିବ ଫୁଲାଇ ଛାତି ।୨୩।

GPNanda Colln., Digitized by srujanika@gmail.com

ପୂର୍ବ ପୁରୁଷଙ୍କ ହାତ କଷ୍ଟମତ ଯେବେ ହେଳ ରଖିଥିବ,
ଧାମ ଛଦଚାର ଶଳତ ଭ୍ରମର ବଳେ ବଳେ ବଢ଼ିଯିବ ।୨୪।
ଲଟିଯାଅ ମାଆ ଭଉଣୀଏ ମୋର ଅନାଦରେ ଏ ଭାମରେ,
ହାଣିଆଣ ଧନ ଦେଶ ବିଦେଶରୁ ତମର ହାତ ଗୁଣରେ ।୨୫।
ପୂର୍ବ ପୁରୁଷଙ୍କ ଯେ ରକ୍ତ ବହୁଛି ଅଙ୍ଗେ ଅଙ୍ଗେ ଛାଣିଥିବ,
ସେ ରକ୍ତ ତାଙ୍କର କେବେ ନ ମଣିବ ପାଣି ଫାଟି ଯାଉଥିବ ।୨୬।
ଯେତେମ ମନ ଦେଇ ମାଆମାନେ ମୋର ଲଗିଯିବ ଯେବେ ଥରେ,
ହଟାଇ ପାରିବ କେ ତମ ଶକତ ସ୍ୱର୍ଗ ଉଠିଲେ ଥରେ ।୨୭।
ଯେ ଖେଳ ଗୁଲିରୁ ଭାଲ କୁହୁକରେ କିଛି ତ ରହିବ ନାହିଁ
ହାତ ଭସ୍ମମତ ହାତରେ ଯା ଥାଉ କେ ତାକୁ ହରବ କାହିଁ ।୨୮।
ଘର ଦରବ ତ ଯେତେ ହାହା ଲୋଡ଼ା ସବୁ ତ ଆପେ ଗଢିବ,
ତା ପାଇଁ କଉଡ଼ି ଦାଣ୍ଡକୁ ନ ଗଣି ଦାଣ୍ଡରୁ ହାଣି ଆଣିବ ।୨୯।
ଧନ ପାଇଁ ଏତେ ଭାଲ ହାଇଁ ପାଇଁ ଧନ ଏବେ ଧସ୍ତ ହସ୍ତ,
ନେବ ଟି ଅଟବାଦ ଏ ଧନ ଗୁଡ଼ିକ ତମର ପାଇଁକି ଧସ୍ତ ।୩୦।
ଦେଖିଲଣି ଯେ ବେଳ ଧନ ଦଉଲତ ଜମିଭାଣ୍ଡ ନ ରହିବ,
ହାତ କଉଶଲ ହର ନ ପାରିବେ ହାତେ ହାତେ ରହୁଥିବ ।୩୧।
ଗ୍ରେଟ ଧପାବାଜି ଯେ ଅଛି ବଢାନ୍ତି ସେହି ତ ଗୁଲନ୍ତି ଗର୍ବେ,
ଅନ୍ଧ ପରି ଆମେ ଆଖି ବୁଜି ତାଙ୍କୁ ଗୃହେଁ ରହୁଥାଉ ସର୍ବେ ।୩୨।
ମାଆ ଭଉଣୀଏ ଏ ସବୁରେ ଡେଲେମ ଭାହୁଁରେ ପାରିବ ନାହୁଁ,
ଖାଲି ତେତେମ ତମ ହାତକୁ ଛଟେଲେ ନ ବଳେବେ ଭେହୁ ଭାହୁଁ ।୩୩।
ଧନ ଦଉଲତ ଯେ ଯେତେ ବଢାନ୍ତୁ ସତ୍ୟକୁ ଅବଜ୍ଞା କର,
ସବୁ ଉଡ଼ି ଯିବ କିଛି ନ ରହିବ ପ୍ରଭାତ କୁହୁଡ଼ି ପର ।୩୪।
ଯେତେ ଧନ ତେତେମ କମାଇ ପାରିବ ତମର ଅଙ୍ଗୁଳି ଗୁଳ,
ସେ ଧନରେ ଧୂଳି ମଳି ନ ରହିବ ପଢ଼ିବ ତମର ପାଳି ।୩୫।

GPNanda Colln., Digitized by srujanika@gmail.com

ବିଧାତାଙ୍କ ନୀତି ସତ୍ୟେ ପ୍ରତିଷ୍ଠିତ ଧର୍ମ ହେଲା ତାର ଭିତ୍ତି,
ଅଧର୍ମ ପ୍ରଭାବେ ଯେ ଯେତେ ବଢନ୍ତୁ ଟଳମଳ ତାଙ୍କ ସ୍ଥିତି ।୩୬।
ସ୍ନେହ ଶ୍ରଦ୍ଧା ଭକ୍ତି ପ୍ରକୃତିର ମର୍ମ କର୍ମ ନିଷ୍ଠା ତପ ଧର୍ମ,
ତହିଁ ବଳେ ତୁମ୍ଭେ ଜଗତ ଜିଣିବ ଏ ତୁମ୍ଭ କର୍ମର ମର୍ମ ।୩୭।
ଦୈନ୍ୟ ଶୂନ୍ୟ ବଢିଗଲା କୁଟିଳତା ବଢିଗଲା ଜଟିଳତା,
ତମର ସନ୍ତାନେ ଉତ୍ତର ଉଠିଲେ ବିକୃତ ଧାତା ବିଧାତା ।୩୮।
ତୁମ୍ଭେ ତ ନିର୍ମଳ ସ୍ୱଭାବେ ସରଳ ଏ ଜାତିର ମୁଖ୍ୟ ଅଂଶ,
ତୁମର ପ୍ରଭାବେ ହୋଇ ପ୍ରଭାବିତ ବଢୁଥିଲେ ଶିଳ୍ପୀ ବଂଶ ।୩୯।
ଗୁଳନ୍ତି ଏକ୍ଷଣି ଯାହାର ରାଜତ୍ୱ ବିଗାଡ଼ି ଶିଳ୍ପର ଗତି,
ଯୁଗକୁ ଅନାଇଁ ଗଳ୍ପ ଗଢିବାରେ ଖଞ୍ଜିଲେଣି ସେ ଶକତି ।୪୦।
ଖୋଇବା ଭୟରେ ଜନମ ବେଧିବେ ସମସ୍ତେ ପୁରୁଷ ହେବେ,
ନାରୀ ଅଧିକାର ନାରୀଙ୍କ ନ ଥିବ ଯୁଗ ଉଲଟାଇ ଦେବେ ।୪୧।
ନାରୀ ପାଠ ପଢ଼ି ପଢିବେ ଅପାଠ ପୁରୁଷଙ୍କ ଅଧିକାର,
ଶାସନ କ୍ଷେତ୍ରରେ ମିଳିବ ନାରୀଙ୍କୁ ଗୁଳନ୍ତି ଏହି ବିଚାର ।୪୨।
ତେଣେ ତମେ ଗାଉଲି ମାଆଁ ଭଉଣୀଏ ଯାହା ଯେବେ ହେବ ହେବ,
ଏବହୁଁ ବାଉଳା ନ ହୋଇ କଦାପି ନିଜ ବାଟ ନ ଭୁଲିବ ।୪୩।
ଏବ କାମ ଏବେ ନ ଭୁଲ ଗୋ ମାଆ ହାତ କଉଶଳ ଯେତେ,
ଖଟାଇ ଜାଣିଲେ ନା ନା ଦରବରୁ ଦଉଡ଼ି ଆସିବ ତେତେ ।୪୪।
ଶିଳ୍ପ ପ୍ରଭାବରେ ଦୁଃଖ ହଟିଯିବ ଅଶାନ୍ତି ରହିବ ନାହିଁ,
ଖାଇ ପିଇ ସୁଖେ ଦିନ କଟିଯିବ ଦୁଶ୍ଚିନ୍ତା ତଳେ ନ ଥାଇ ।୪୫

ଏହି ପର୍ଯ୍ୟନ୍ତ ଖଣ୍ଡିଏ ସ୍ୱତନ୍ତ୍ର ପୁସ୍ତିକାରେ ଛପା
ହୋଇଅଛି । ଯାହା ରହି ଯାଇଥିଲା ତହିଁରୁ

ଆଉ ପଦେ

ମାଆ ମାଉସୀଏ ତମରି ଚିନ୍ତାରେ ଘାରି ହୋଇ କେତେ କାଳ,
ଧନ ଦଉଲତ କେତେ ମୁଁ ଉଜାଡ଼ି ଶେଷକୁ ହେଲି କାଙ୍ଗାଳ ।୧।

GPNanda Colln., Digitized by srujanika@gmail.com

ତମେ ତ ନିଶ୍ଚୟ ଭଉଣୀ ଗୁଡ଼ିକ ଯହିଁ ମରାଇଲ ତହିଁ
ବଡି ପାଣିପର ମାଡ଼ ଯାଉଥିଲ ତୁହିଁ କି ହାଣି ନ ବନ୍ଧି ।୨।
ଯେତେ ସ୍ୱବଚ୍ରୁ ବାନ୍ଧୁ ନେଇଥିଲ ଅଣାମୀ ଦରବମାନ,
ଅନୋଡ଼ା ବୋଲି ଯା ସିଙ୍ଗା ଦେଉଥିଲ ହୋଇ ଉଚ୍ଚା ସ୍ୱାନମାନ ।୩।
ତମ ହାତ ଗୁଣେ ଧନ ଜମାଇବ କାହାକୁ କିଛି ନ ଲୋଡ଼ି,
ତେବେ ବି ତହିଁରେ ବାଦ ସାଧୁଥିଲେ କାଏ କେତେ ଫାନ୍ଦ ଯୋଡ଼ି
ତମ ଦୁଃଖ ଦେଖି ତମରି ପାଇଁକି ପାଞ୍ଚ ମୁଁ କଲି ଯେତକ,
ବଢ଼ିଲା ବେଳକୁ ଏକାଡ଼ି ଦଅନ୍ତି ବେ କାହିଁ ଅପି ସେତକ ।୫।
ଭାବି ତ ନ ଥିଲି ସ୍ୱାଧୀନତା ପାଇ ଏ ଭଳି ଅମ ଏ ଗତି,
ଅଖି କାନ ବୁଜି ହସିଇ ଦେଇବେ ବାପା ଅଜାଙ୍କର ଥାତି ।୬।
କେତେ ମନ ଇଲେ ମାଅମାନେ ମୋର ଟେଇଁ ଉଠିବ ଏ ଛାତି,
ହାତ ଜଗମନ୍ତ ହଟାଇ ପାରିବ କାହାର ଏଭଳି ଛାତି ।୭।
ଦେଶର ଦୁର୍ଭାଗ୍ୟ ଧନ ଅଭାବରେ ସୌଭାଗ୍ୟ ଧନ ବଳରେ,
ଘରେ ଘରେ ତେମେ ଯେତେ ନାଶି ଏବେ ଫିଟିଛି ଲାଗି କାମରେ ॥
ଅନୋଡ଼ା ଦରବ ଯେତେ ଯାଣ୍ଟିଲଣି ତେମେ ତ ନିଜ ହାତରେ,
ମିଠା ଚାଖିଲଣି ହଟି ନ ଯିବ ଟି ଉଚ୍ଚା ଅଲଣା କଥାରେ ।୯।
ନ ଭୁଲ କଦାପି ତମ ହାତବୁଣା ଚେଲ ଗୁଅର ଗୁଣ,
ଯେ ଯେତେ ସାହୁଛ ଲାଗି ପଡ଼ ତାକୁ ଅଦୁରି ଅଧିକ ଦୁଣ ।୧୦।
ଏହି କୁଟୀରରୁ ଜନମ ତାହାର ବଢ଼ିଲା ତମ ହାତରେ,
ଅଧର ପାଉଛି ଅଜ ଶୁଣୁଥିବ କାହିଁ ସେ କେତେ ଦେଶରେ ।୧୧।
ଇଂଗଲଣ୍ଡ ଠାରୁ ଅମେରିକା ଲୋକେ ଯେତେ ଯେତେ ଖୋଜୁଛନ୍ତି,
ତମେ ଗଢ଼ିଦେବା ଅଭାବେ ଦରବ ସିନା ପାଇ ନ ପାରନ୍ତି ।୧୨।
ଏହାଠାରୁ ବଳି ଅଦ୍ଭୁତ ଅଧିକ କେତେ କି ଦରବମାନ,
ଅମର ଦେଶରେ ବାହି ସତୁଅଛି ନ ଥାଇ ଅମ୍ଭର ଧ୍ୟାନ ।୧୩।

GPNanda Colln., Digitized by srujanika@gmail.com

ହେଜ ରଖିଥିବ ତମ ହାତ ବୁଣା ଟେବୁଲ ମ୍ୟାଟ୍‌ର ଗୁଣ,
କାହୁଁ ତା ଜନମ କାହିଁ ଉଠିଲଣି ସେତକ ପଢ଼ୁଲେ ଶୁଣ ।୧୪।
ଜାଣୁଛ ଜନମ ଏହୁଠାରୁ ତାର ତମ ହାତ ଗୁଟେଣି କଟି,
ଆଦର ପାଇଲା ବଡ଼ ବଡ଼ଙ୍କର ଟେବୁଲ ଉପରେ ଚଢ଼ି ।୧୫।
ଅନୋଡ଼ା ବୋଲନ୍ତି ଯେଉଁ ଦରବକୁ ଦେଖୁଥିଲ କେବେ କାହିଁ,
ଝଡ଼ପଡ଼ ଖାଲ ସଡ଼ି ଯାଉଥିଲା କେହୁ ତ କେବେ ନ ଗୁହିଁ ।୧୬।
ତାହିଁରୁ ଦରବ ତେଜସ ଗଢ଼ିଦେଲ ଶୁଣୁଅଛ କେତେ ଲୋକ,
ନ ପାଇ ଆତୁର ଚେତନ ଦସି ବସି ଭୋଗୁଛ ଉପାସ ଭୋକ ।୧୭।
ତମର ପାଇଁକି କହୁଛି ମୁଁ ସବୁ କେତେକାଳ ଲଗି ଲଗି,
ଦେଖାଇଲ ବାଟ ଧନ୍ୟ ମଣିଥାନ୍ତି ହେଲେ ତମେ ଫଳଭାଗୀ ।୧୮।
ମୋ ତୁଣ୍ଡ ମୋ ମୁଣ୍ଡଠାରୁ ଅଧିକରେ ତମ ହାତ କଉଶଳ,
ଅକାମୀକୁ କାମୀ କରିବା ଉଦ୍ୟମ କଲଟି ମୋର ସଫଳ ।୧୯।
ଅକାମୀ ଦରବ ଗୋଟାଇ ଗୋଟାଇ ଅକାମୀରୁ କାମ ଖୋଲି,
କେତେ ଯେ ପଦାର୍ଥ ଦେଖାଇ ପାରିଲ ନ କହୁ ଅକାମୀ ବୋଲି ।୨୦।
କାହୁଁ କାହୁଁ ଲୋକେ ଅତ ଆଦରରେ ଖୋଜିଲେ ବେଳକୁ ତାକୁ,
ଆମେ ଅବିବେକୀ ମୁହିଁ ମୋଡ଼ ବସୁ ଯୋଗାଇ ନ ପାର ତାଙ୍କୁ ।୨୧।
ମାଆ ଉଉଣୀଏ ମନଯୋଗ କଲେ ଫେରିଯିବ ଆମ ମତ,
ଫେରିଯିବ ଆମ ଦେଶର ସୌଭାଗ୍ୟ ବଦଳିଯିବ ଏ ଗତ ।୨୨।
କେତେ କଉଡ଼ିଆ ଧନ୍ଦା କରୁଥିଲ ନ ମାନିଲ ମୋର ମନ,
ଅଣ୍ଟି ଅଣ୍ଟି ଧନ ଟେଟଣ ଗୋଟାଇବା ଦେଖୁଥିଲ ମୁଁ ସ୍ୱପନ ।୨୩।
ତମ ହୃଦୟର ପ୍ରଫୁଲ୍ଲ ମାଧୁରୀ ଅନୋଡ଼ା ଦରବ ସଙ୍ଗେ,
ଫୁଟି ଉଠୁଥିଲା ମିଶି ସେ ଚଢ଼ାଟି କେତେ କି ସୁରମ୍ୟ ରଙ୍ଗେ ।୨୪।
ଦୁର୍ଭାଗ୍ୟ ମୋହର ଆଶା ନ ପୁରିଲା ଦୋଷିବି କାହାକୁ ଆଉ,
ମୋ ଗଢ଼ା ଦରବ ଗଡ଼ ଯାଉଅଛି ବସି ମୁହିଁ ଗୁହିଁ ଗୁହିଁ ।୨୫।

GPNanda Colln., Digitized by srujanika@gmail.com

କ୍ଷମତା ଅଭାବ କି ଅବା ପ୍ରଭାବ ଦେଖାଇବା ପାଇଁ ଥୋଡ଼ା,
ମୋ ନାମ ଗୁଡ଼ାକ ପୋଡ଼ ପକାଇବା ହେଲ ପଣ ଅନେକ ଲୋଡ଼ା ।୧୬।
ଦେଖି ଦେଖି ନିତ ସହୁ ସହୁ ଦୁଃଖ, ଦୁଃଖ ମୋର ଘୁଞ୍ଚୁନାହିଁ,
କାନ୍ଦ କାନ୍ଦ ମନେ ମରିବା ପାଇଁକି ରହୁଛି ବ୍ୟାକୁଳେ ଗୃହିଁ ।୧୭।

ପୁଣି ପଦେ

କଷ୍ଟ ପଥରକେ ଯାହା ବୁଣିଦେଲ ଦେଖାଇ ଦେବାକୁ ଥରେ,
ଚମକି ଗଲି ମୁଁ ନିଜେ ଦେଖି ତାକୁ ତମ ହାତ ଗୁରୁତ୍ୱରେ ।୧।
ବେତ ଦାମ ଥିଲ ପାଣ ଉମଙ୍ଗର ମନଇଚ୍ଛା ଯେତେ ଯାହା,
ସେହୁ କରୁଥିଲେ ଅଛ ଜାତ ଲୋକେ ଡରୁଥିଲେ ଦେଖି ତାହା ।୨।
ବେତ ଦାମ ଭରି ପନାଖିରେ ଶିଖି ଗଢି ଥୋଇଦେଲେ ଯାହା,
ସେ ଯେତେ ଗୃହିଁଲେ ଚକିତ ସେ ହେଲେ ଦେଖିଦେଲାଷଣି ତାହା
ଅଷ୍ଟ ଫୁଲ ଶର କଦଳୀ ବାହୁଙ୍ଗା ଅଛ ଅଛ ଯେତେ ଯେତେ,
ଖତ ହେଉଥିଲ କଲ କଉଡ଼ଷ କହୁଛି ସେ ସବୁ କେତେ ।୩।
ଭାଇଁଚ ଖୋଳପା ପଦାର୍ଥ ଉପର ଚଢ଼ିଟି ଉଠୁଛି ଅଜ,
ତାହାପାଇଁ ସ୍ଥାନ ଖୋଜି ଦେବାପାଇଁ ନ ମିଳନ୍ତି କାହିଁ ଭାଜ ।୪।
ପାଲ କୁଠାରେ ଯେ ଦରବ ବୁଣିଛ କେତେ କେତେ ଲୋକ ଦେଖି,
କଳି ନ ପାରି ସେ ହାତର ମହିମା ଯାନ୍ତି ଉଡ଼ା ଉଡ଼ା ଲେଖି ।୫।
ହାତ କରାମତ କେତେ ଯେ ଉପର କହୁଲେ ସରିବ ନାହିଁ,
ଦୂର ଲୋକ ଆସି ଶିରରେ ବସିଲେ ବୁଝିବେ ସେ ଅବା କାହିଁ ।୬।
ପୁରୁଷେ ଯେତକ ହେଉଛନ୍ତି ବଣା ଶୁଖିଲା କ୍ଷମତା ପାଇ,
ତେବେ ନାସ୍ତି ଜାତି ବାହି ନ ଖୋଜିଲେ ଉଛୁଳ ରହିବ କାହିଁ ।୭।
ଛୁଞ୍ଚି ଦମ୍ଭ କରି ତେବେ ନାସ୍ତି ଜାତି ଥରେ ଯେବେ ମାତିଯିବ,
ବାଧା ଦେଉଛନ୍ତି ତମ କାମରେ ଯେ ନ୍ଦରିଦେ କାହିଁ ଦେଖିବ ।୮।
ତେବେ ମନକଲେ ଅନୋଡ଼ା ଦରବ ସୁନା ପାଲଟିବ ଶେଷେ,
ତେବେ ଦମ୍ଭ ହେଲେ ଅନୋଡ଼ା ମନୁଷ୍ୟ ରହୁ ନ ପାରିବ ଦେଶେ ।

GPNanda Colln., Digitized by srujanika@gmail.com

ଫେର ପଦେ

ଆମ ଛଡ଼ା ଆଉ ଯେତେ ଦେଶ ଯହିଁ ସମସ୍ତେ ଗୃହନ୍ତି ଯେ ଯାହା ଘର,
ଆପଣ ଦେଶରେ ଯେତେକ ଜନମ ସେହୁ ତ ନୃହନ୍ତି କହ୍ନୁ ତାହାର ।୧।
ଭୁଲି ଜନମିଲେ କାମିଙ୍କା ଯେଉଁମାନେ ତଳେବଳେ ଉଠିଗଲେ ଉଡ଼କୁ,
ତାମକୁ ସେ ଅବା ଅନାଇବେ କିମ୍ପା ତାମ ଛାଡ଼ିଦେଲେ ପରହାତକୁ ।
ପର ଅସି ଆମ ଘର ଗୃହଦେବ ବିଡ଼ମ୍ବ ଏ ଭାବ କେବେ ଅପର,
ଯେ ଶୁଣିବେ ଆଗେ ଅତ ଅବିବେକ ବନ୍ଧୁବେ ଆମକୁ ସିନା ମୂଢ଼ର ।୨।
ତେବେ ନାରୀ ଜାତି ମାତି ନ ଉଠିଲେ ଏ ମତ ଏ ଗତ ଫେରିବ ନାହିଁ,
ଗୃହିଁ ଗୃହିଁ ଆମ ଜାତି ବୁଡ଼ିଯିବ ଦେଶଟା ରହିବ ଅବା କପାଇଁ ।୩।
ଜନମ ନ ଦେଲେ ନ ଦଅ ତାହାକୁ ନ ବଢାଅ ତୁଚ୍ଛା ଦେଶ ସଙ୍କଟ,
ଭାବି ଚିନ୍ତାକର ତେବେ ନାରୀଗଣ କେମନ୍ତେ ଏ ଦେଶ ହେବ ଅକଟ ॥
ତୁମ୍ଭର ଉଦରୁ ଜନମି ଯେତେକ ଅକାଳେ ଏଭଳି ଯାନ୍ତି ବଦନା,
ସେଭଳି ପୁତ୍ରଙ୍କୁ ଜନମ ନ ଦଅ ତୁମ୍ଭଠାରେ ମାତା ଏତକ ଅଳି ।୪।

ଶେଷକୁ ଆଉ ପଦେ

ତୁମ୍ଭର ସନ୍ତାନେ କି ଥିଲେ ଭୁବନେ ହାତେ ହାତେ ସେ ତ
ନିଜ ଜରଣୀ, ରଖି ଯାଇଛନ୍ତି ସର୍ବେ ଦେଖିଥାଉଁ ଯୁଗେ ଯୁଗେ
ଘୋଷୁଥିବ ଧରଣୀ । ୧ । ଅଜ୍ଞ ସେହି ଦେଶେ ତୁମ୍ଭେ ଗୋ ଜନନୀ
କୁପୁତ୍ର ଜନ୍ମିବେ କିମ୍ପା ଦେଶରେ, ଗୃହ ନ ପାରିବେ ନିଜେ ନିଜ
ଘର ଦାନ୍ତ ନିକୁଟିବେ ଯାଇ ଦାଣ୍ଡରେ । ୨ । ତୁମ୍ଭେ ମାତାଗଣ ମନ
ଦମ୍ଭ ଢଳେ ଏଭଳି ତନୟ ଜନ୍ମିଓବ କିପାଁ, ଜାତି ମୁଖେ ପୂର୍ବପୁରୁଷଙ୍କ
ନାମେ ଲଗାଇବେ ଅଜ୍ଞ ଢଳଙ୍କ ଚିହ୍ନ ।୩। ପଣ ପଣ ପୁତ୍ର ଜନମ
ଦେଉଛ ଗଣିଲେ ସରିବ ନାହିଁ ଦେଶରେ, ଘର ସମ୍ଭାଳିବା ପାଇଁ

GPNanda Colln., Digitized by srujanika@gmail.com

ଯେତେ ଉଣ୍ଣ ଲୋଡ଼ା ନ ମିଳନ୍ତି ଖୋଜା ବେଳରେ ।୪। ବନ୍ଧ୍ୟା
ହେବା ଶ୍ରେୟ ଏଭଳି ତନୟ ଜନମ ଦେବାଠି ସିନା ବୃଥାରେ, ପୂର୍ବ
ପୁରୁଷଙ୍କ ଖ୍ୟାତି ବୁଡ଼ାଇବେ ବୁଡ଼ିବ ଯେ ସ୍ୱତ ଅଣ୍ଟୁ ଲଥାରେ ।୫।
ଏ ଜାତିର ମତ ଗତ ପ୍ରବୃତ୍ତି ବଦଳି ଚାଲିଛି କେତେ ବେଗରେ,
ତେବେ ମାତୃ ଜାତି ସତର୍କ ନ ହେଲେ ଜାତି ସତ୍ତା ମିଶିଯିବ ଶୂନ୍ୟରେ ॥
ମାଆ ମାଉସୀଏ କ୍ଷମାକର ମୋତେ ମତ ଗତି ସ୍ଥିର ନ ଥାଇ ମୋର,
ବେଳ ବୁଡ଼ିଲାଣି ସବୁ ଛଡ଼ିଲେଣି ବାନ୍ଧୁଛି ଏଣିକି ପୋଥିରେ ଡୋର ॥

GPNanda Colln., Digitized by srujanika@gmail.com